## ସଂକ୍ଷେପରେ

### ଗଛରେ ପିଟିହେଲା ଟାଟା ମ୍ୟାଜିକ: ୩ ଗୁରୁତର

ଆରଡ଼ି, ୧୦।୧୦ (ଡି.ଏନ.ଏ.): ଭଦ୍ରକ ଜିଲା ଆରଡ଼ିର ବାଇପାସ୍ ରାସ୍ତାରେ ଗୁରୁବାର ପୂର୍ବାହ୍ନରେ ସାଇକେଲ ଚାଳକଙ୍କୁ ରକ୍ଷା କରିବାକୁ ଯାଇ ଏକ ଟାଟା ମ୍ୟାଜିକ ଗଛରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଗାଡ଼ିରେ ଥିବା ୧୨ ଜଣଙ୍କ ମଧ୍ୟରୁ ୭ ଆହତ ହୋଇଛନ୍ତି। ସମସ୍ତଙ୍କୁ ଆରଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି। ସେମାନଙ୍କ ମଧ୍ୟରୁ ୩ ଜଣ ଗୁରୁତର ଥିବାରୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗୁରୁତରଙ୍କ ମଧ୍ୟରେ ଜଣେ ଶିଶୁ ଓ ଦୁଇଜଣ ମହିଳା ଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ବାସୁଦେବପୁର ଅଞ୍ଚଳର ବିଷ୍ଣୁବିନ୍ଧା, ଅନନ୍ତପୁର, ବାହାସାଥି ଗାଁର ଏହି ଲୋକେ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିବା ପାଇଁ ଟାଟା ମ୍ୟାଜିକରେ ଆରଡ଼ି ଆସିଥିଲେ। ପୀଠ ନିକଟରେ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

### ମତୋ ବଜାରରେ ଆଲୋକୀକରଣ



ଚାନ୍ଦବାଲି, ୧୦।୧୦ (ଡି.ଏନ.ଏ.): ଭଦ୍ରକ ଜିଲା ମତୋ ବଜାରରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ବିଧାୟକ ବ୍ୟୋମକେଶ ରାୟ ଏହାକୁ ଆନୁଷ୍ଠାନିକ ଭାବେ ସୁଇଚ୍ ମାରି ଉଦ୍‌ଘାଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଜେଡି ନେତା ଓ କର୍ମୀଙ୍କ ଏକ ଶୋଭାଯାତ୍ରା ମତୋ ଅଏଲ୍ ଇଣ୍ଡିଆ ଛକରୁ ବାହାରି ମତୋ ଫାଣ୍ଡି ସମ୍ମୁଖରେ ପହଞ୍ଚିଥିଲା। ଭଦ୍ରକ ଜିଲାପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ରଞ୍ଜନ ସାହୁ, ଶରତ ସାହୁ, ପ୍ରଦୀପ ପଲାଇ, ଉମାକାନ୍ତ ସାମଲ, ବାନାମ୍ବର ନାୟକ ଓ ସେକ୍ ହାପିଜ ପ୍ରମୁଖ ଉପସ୍ଥିତ ଥିଲେ। ମତୋ ବଜାରର ଗୋଟିଏ ପାର୍ଶ୍ୱରେ ମୋଟ୍ ୨୪ଟି ଉଜ୍ଜ୍ୱଳ ଆଲୋକ ଲଗାଯାଇଛି।

# ଅବହେଳିତ ମା' ତାରାଶୁଣୀଙ୍କ ପୀଠ

(କାଳୀପଦ ରାୟ)
ପଦ୍ମପୁର, ୧୦।୧୦



ମା' ତାରାଶୁଣୀଙ୍କ ପୀଠ।

■ସରକାରଙ୍କ ଦୃଷ୍ଟି ପଡୁନି
■ହୋଇପାରୁନି ଭିତ୍ତିଭୂମି ବିକାଶ

ଭଦ୍ରକ ଜିଲା ସାବରଙ୍ଗ ପଞ୍ଚାୟତ ଅଧୀନ ଆଟୋ ରାଜସ୍ୱ ଗ୍ରାମର ଧନନ୍ତରୀ ନଦୀକୂଳରେ ଅବସ୍ଥିତ ମା' ତାରାଶୁଣୀଙ୍କ ପୀଠ। ଜିଲାର ଏହି ପୁରାତନ ପୀଠ ଅବହେଳିତ ଅବସ୍ଥାରେ ରହିଛି। ମା'ଙ୍କ ମନ୍ଦିର ଅସମ୍ପୂର୍ଣ୍ଣ ହୋଇରହିଥିବା ବେଳେ ପ୍ରସାଦ ରୋଷେଇଶାଳ ନାହିଁ। ପାନୀୟ ଜଳର ସୁବିଧା ନ ଥିବାବେଳେ ଭକ୍ତମାନେ ଶୌଚ ହେବା ପାଇଁ ଶୌଚାଳୟ ମଧ୍ୟ ନାହିଁ। ସନ୍ଧ୍ୟା ହେଲେ ପୀଠ ଅନ୍ଧାରରେ ରହୁଛି। ଆଜି ପର୍ଯ୍ୟନ୍ତ ମନ୍ଦିର ବୈଦ୍ୟୁତିକରଣ ହୋଇପାରୁ ନାହିଁ। ମା'ଙ୍କ ତୋରଣ ଦ୍ୱାର ଏଯାଏ ହୋଇପାରି ନ ଥିବାବେଳେ ମନ୍ଦିରକୁ ପ୍ରବେଶ ରାସ୍ତା ଅଧା ତିଆରି ହୋଇ ରହିଛି। ଫଳରେ ଯାତାୟାତ ପାଇଁ ଭକ୍ତମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାତ୍ର ସରକାରଙ୍କର ଏଥିପ୍ରତି ଦୃଷ୍ଟି ପଡୁ ନାହିଁ ବୋଲି ଅଭିଯୋଗ ହେଉଛି।

ସଦର ବ୍ଲକଠାରୁ ୧୪ କି.ମି. ଦୂରରେ ରହିଛି ଏହି ପୀଠ। ଜିଲାର ସାବରଙ୍ଗ, ଗୋରାମାଟି, ତୋରଣପଦା, କ୍ଷୀରସାହି, ଆଟୋ, ବଣିଆ, ପଗଡ, ପଲ୍ଲୀ, ଚାପୁଣ୍ଡିଆ, କୋଦଣ୍ଡପୁର, ସାହାଡ଼ା, ଅଣ୍ଡରାଇ, ଧାମରା, ଚାନ୍ଦବାଲି, ବାସୁଦେବପୁର, ପଦ୍ମପୁର ଏବଂ ପଡ଼ୋଶୀ ଜିଲା କେନ୍ଦୁଝର, ଯାଜପୁର ଓ ବାଲେଶ୍ୱରରୁ ହଜାର ହଜାର ଭକ୍ତ ପ୍ରତ୍ୟହ ଏଠାକୁ ପୂଜାର୍ଚ୍ଚନା ପାଇଁ ଆସନ୍ତି। ମା'ଙ୍କ ପୀଠରେ ସବୁଦିନ ପୂଜା ହେଉଥିଲେ ମଧ୍ୟ ଶନିବାର ଓ ମଙ୍ଗଳବାର ଭକ୍ତଙ୍କ ସମାଗମ ଅଧିକ ହୋଇଥାଏ। ଉଲ୍ଲେଖନୀୟ ଯେ, ରାଜରାଜୁଡାଙ୍କର ଶାସନ ପରେ ଆରମ୍ଭ ହୋଇଥିଲା ଜମିଦାରୀ ପ୍ରଥା। କିମ୍ବଦନ୍ତୀ ଅନୁସାରେ ଅଞ୍ଚଳର ଜମିଦାର ମହାପାତ୍ର ବଂଶାନୁକ୍ରମିକ ଭାବେ ଅଞ୍ଚଳରେ କର ଖଜଣା ଆଦାୟ କରୁଥିଲେ। ପ୍ରାୟ ଦୁଇଶହ ବର୍ଷ ତଳେ ଉଆସଡିହ କୁହାଯାଇଥିବା ମା'ଙ୍କର ପୀଠ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ବିଷଧର ସର୍ପ, ବାଘ, ଭାଲୁ, ଝିଙ୍କ ଆଦି ଜଙ୍ଗଲରେ ବାସ କରୁଥିଲେ। ଜଙ୍ଗଲକୁ କାଟିବା ଅଞ୍ଚଳରେ ବାରଣ ଥିଲା। ଜଙ୍ଗଲ କାଟିଲେ ମା' ତାରାଶୁଣୀଙ୍କର କୋପ ଦୃଷ୍ଟି ଭୟରେ କେହି ଜଙ୍ଗଲ କାଟୁ ନ ଥିଲେ। ଦିନେ ସ୍ଥାନୀୟ ଅଞ୍ଚଳର କେତେଜଣ କୁମ୍ଭାର ଗଛ କାଟିବାକୁ ଆସିଥିଲେ। ଜଣେ କାଟିବା ଆରମ୍ଭ କରିବାରୁ ମୂର୍ଚ୍ଛା ହୋଇ ତଳେ ପଡ଼ିଯାଇଥିଲେ। ପରେ ପରିବାର ଲୋକେ ମା'ଙ୍କ ପାଖରେ କ୍ଷମା ପ୍ରାର୍ଥନା ପୂର୍ବକ ପୂଜା କରିବାରୁ ମୂର୍ଚ୍ଛା ହୋଇପଡ଼ିଥିବା କୁମ୍ଭାର ଚେତା ଫେରିପାଇଥିଲେ। ସେବେଠାରୁ ଗ୍ରାମବାସୀଙ୍କ ଦ୍ୱାରା ମା'ଙ୍କ ପୂଜା ହୋଇଆସୁଛି। ଛଅ ଭାଗ ଶାସନର ଉମାପ୍ରସାଦ ମିଶ୍ରଙ୍କ ୩ ପୁରୁଷ ଧରି ମା'ଙ୍କ ପୂଜା କରି ଆସୁଛନ୍ତି। ସବୁଦିନ ମା'ଙ୍କ ପୂଜା ହେଉଥିବା ବେଳେ ବିଷୁବ ସଂକ୍ରାନ୍ତି ଦୁଇଦିନ ପୂର୍ବରୁ ଏଠାରେ ଘଟପୂଜା କରାଯାଏ। ସଂକ୍ରାନ୍ତି ଦିନ ହଜାର ହଜାର ଭକ୍ତ ମାନସିକ ପୂରଣ ନିମିତ୍ତ ପୀଠରେ ମାଟିଘୋଡା ବସାଇ ପୂଜା କରନ୍ତି। ମାନସିକଧାରୀ ପାଟୁଆମାନେ ମାସ ସାରା ନିରାମିଷ ଭୋଜନ କରି ଦେହରେ କଣ୍ଟା ଫୋଡ଼ାନ୍ତି।

ସରକାର କିମ୍ବା ପ୍ରଶାସନର ଦୃଷ୍ଟି ପଡୁ ନ ଥିବାରୁ ପୀଠର ଭିତ୍ତିଭୂମି ବିକାଶ ହୋଇପାରୁ ନାହିଁ। ମନ୍ଦିର ପରିଚାଳନା ପାଇଁ ଏକ ପରିଚାଳନା କମିଟି ଗଠିତ ହୋଇଛି। ହେଲେ ଏଯାଏ ମନ୍ଦିର କମିଟିକୁ କୌଣସି ସରକାରୀ ଅନୁଦାନ ମିଳିପାରି ନାହିଁ। କେବଳ ଭକ୍ତମାନଙ୍କ ସହାୟତା ଓ ସ୍ଥାନୀୟ କେତେକ ଲୋକଙ୍କ ବଦାନ୍ୟତା ରାଶିରେ ମନ୍ଦିରର ରକ୍ଷଣାବେକ୍ଷଣ କରାଯାଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ବିକାଶ ଦିଗରେ ପଦକ୍ଷେପ ନେବା ସହ ଏହାକୁ ଏକ ଐତିହ୍ୟ ପୀଠ ଭାବେ ମାନ୍ୟତା ଦିଆଯିବା ଲାଗି ସ୍ଥାନୀୟ ଜନସାଧାରଣ ଓ ପରିଚାଳନା କମିଟି ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ସଂସ୍କୃତି ଅଧିକାରୀ ଗୋଲକ ବେହେରାଙ୍କୁ ପଚାରିବାରୁ କହିଛନ୍ତି, ଭଦ୍ରକର ଏହା ଏକ ପୁରାତନ ପୀଠ। ଏହାର ଉନ୍ନତୀକରଣ ନେଇ ରାଜ୍ୟ ସଂସ୍କୃତି ବିଭାଗକୁ ପ୍ରସ୍ତାବ ପଠାଯିବା ଦିଗରେ ଗୁରୁତ୍ୱ ଦିଆଯିବ।

## ବୌଦ୍ଧବିହାର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କଲେ ଏସ୍‌ପି

ଭଣ୍ଡାରିପୋଖରୀ, ୧୦।୧୦ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ଥାନା ଅଧୀନ ଷୋଳମପୁରସ୍ଥିତ ବୌଦ୍ଧବିହାରରୁ ଚୋରି ହୋଇଯାଇଥିବା ମୂର୍ତ୍ତି ସମ୍ପର୍କରେ ଗୁରୁବାର ଜିଲା ପୋଲିସ ଆରକ୍ଷୀ ଅଧୀକ୍ଷକ ରାଜେଶ ପଣ୍ଡିତ ଘଟଣାସ୍ଥଳକୁ ଆସି ଅନୁଧ୍ୟାନ କରିଛନ୍ତି। ଆରକ୍ଷୀ ଅଧୀକ୍ଷକ ଗ୍ରାମଦେବତୀ ଶାନ୍ତେଶ୍ୱରୀ ମନ୍ଦିର, ଗର୍ଭଗୃହ ମନ୍ଦିର ସମ୍ମୁଖରେ ପଡ଼ିରହିଥିବା ବୌଦ୍ଧି ମୂର୍ତ୍ତି, ରଘୁନାଥଜୀଉ ମନ୍ଦିର ଚତୁଃପାର୍ଶ୍ୱରେ ପଡ଼ିଥିବା ମୂର୍ତ୍ତି ଓ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ନିର୍ମିତ ସଂଗ୍ରହାଳୟରେ ଥିବା ବୌଦ୍ଧମୂର୍ତ୍ତିର ସୁରକ୍ଷା ସମ୍ପର୍କରେ ଯାଞ୍ଚ କରିଥିଲେ। ଏହି ସମ୍ପର୍କରେ ସେ ଷୋଳମପୁର ଶିଶୁ ବିଦ୍ୟାମନ୍ଦିର ସମ୍ପାଦକ ବିଶ୍ୱମ୍ଭର ରାଉତ, ପୂର୍ବତନ ସରପଞ୍ଚ ମୁକୁନ୍ଦ ଚରଣ ମଲିକ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସ୍ୱଷ୍ଟ ଦିବାଲୋକରେ ମୂର୍ତ୍ତି ଚୋରି ହେଉଥିବା ଘଟଣା ପ୍ରତି ଗ୍ରାମବାସୀ ଉଦାସୀନତା ରହୁଥିବା ବେଳେ ଅଭିଯୋଗ କରୁ ନ ଥିବା ସେ କହିଥିଲେ। ଏହାଛଡ଼ା ମଣିନାଥପୁର, ମୁଡାପଦା ଅଞ୍ଚଳର ବୈତରଣୀ ନଦୀଘାଟରୁ ବ୍ୟାପକ ପରିମାଣର ବାଲି ଚୋରା ଚାଲାଣ ହେଉଥିବା ସମ୍ପର୍କରେ ମଧ୍ୟ ଏସ୍‌ପିଙ୍କୁ ଅବଗତ କରାଯାଇଥିଲା। ଅପରାଧ ପ୍ରବଣ ଏହି ଅଞ୍ଚଳ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଜିଲାପାଳଙ୍କ ସହ ଆଲୋଚନା କରିବା ପାଇଁ ସେ ପ୍ରକାଶ କରିଥିଲେ। ବୌଦ୍ଧବିହାର ପରିଦର୍ଶନ ବେଳେ ଏସ୍‌ପିଙ୍କ ସହ ଭଣ୍ଡାରିପୋଖରୀ ଥାନାଧିକାରୀ ସୁକାନ୍ତି କେରେଇ ଉପସ୍ଥିତ ଥିଲେ।

## ସଂଗ୍ରାମୀ ମହମ୍ମଦ ହନିଫଙ୍କ ଶ୍ରାଦ୍ଧବାର୍ଷିକୀ

ଭଦ୍ରକ ଅଫିସ, ୧୦।୧୦

ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ଲୋକ ସଭା ସଭ୍ୟ, ବିଧାନସଭାର ପୂର୍ବତନ ଉପବାଚସ୍ପତି ଏବଂ ରାଜ୍ୟ ସଭା ସଭ୍ୟ ମହମ୍ମଦ ହନିଫ୍ ଥିଲେ ଗାନ୍ଧୀ ବିଚାରଧାରାର ବ୍ୟକ୍ତିତ୍ୱ। ନିରଳସ ଜୀବନ ଶୈଳୀ ଥିଲା ତାଙ୍କ ବ୍ୟକ୍ତିତ୍ୱର ଚିତ୍ର। ଏହିଭଳି ଅନେକ ଗୁଣାବଳୀ ବଖାଣି ଥିଲେ ଭଦ୍ରକ ସଂସ୍କୃତି ଭବନଠାରେ ଅନୁଷ୍ଠିତ ୫୨ତମ ମହମ୍ମଦ ହନିଫ୍‌ଙ୍କ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି। ମୁଖ୍ୟଅତିଥି ଭାବେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଏବଂ ଅନ୍ୟତମ ଅତିଥି ଭାବେ ବିଧାୟକ ସଞ୍ଜୀବ ମଲ୍ଲିକ, ପ୍ରଫୁଲ୍ଲ ସାମଲ, ବିଷ୍ଣୁ ସେଠୀ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ, ଜଗନ୍ନାଥ ସ୍ୱାଇଁ, ହାଜି ଅବଦୁଲ ବାରି, ଡ. ପ୍ରଦୀପ ନାୟକ, ନଳିନୀକାନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସଭ୍ୟ ଅଜୟ ନାୟକ, ଅଟଳ ବିହାରୀ ନାୟକ, ସୁଧାକର ରାଉତ, ଲଲାଟେନ୍ଦୁ ମହାନ୍ତି, ହରି ନନ୍ଦୀ, ଡ. ରବି ମହାପାତ୍ର, ଏସ୍.ଏମ୍ ଫାରୁକ, ହାଜି କାଶିମ ଖାଁ, ଡ. ବାଇଧର ସାହୁ, ଇକ୍‌ବଲ ଖାଁ, ଲକ୍ଷ୍ମୀକାନ୍ତ ବାରିକ, ନାସିର ବକ୍ସ, ଶେଖ୍ ଅନୱର ପ୍ରମୁଖ ଉପସ୍ଥିତ ଥିଲେ। ମିର୍ଜା ଇଜାଜ ବେଗ, ମୁସ୍ତାକ ଗୌହର ଓ ସେକ୍ ସାହାଜାନ ପ୍ରମୁଖ ସଭା ପରିଚାଳନା କରିଥିଲେ।

## ଅଖିଳ ଭାରତୀୟ ଦୁଃଖୀ ସମାଜକୁ ସମ୍ମାନ

ଭଦ୍ରକ ଅଫିସ, ୧୦।୧୦

ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଭଦ୍ରକ ଅଖିଳ ଭାରତୀୟ ଦୁଃଖୀ ସମାଜକୁ ରାଜ୍ୟ ଓ ଜିଲାସ୍ତରୀୟ ସମ୍ମାନ ପ୍ରଦାନ କରାଯାଇଛି। ସାନସରକାର ବାବାଙ୍କ ଜନ୍ମଦିନ ଉପଲକ୍ଷେ ପ୍ରତିବର୍ଷ ଜାନୁୟାରୀ ୨୪ରେ ଭଦ୍ରକଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଏ। ୨୦୧୮ରେ ୭୭୫ ଓ ୨୦୧୯ରେ ୯୦୦ ୟୁନିଟ ରକ୍ତ ସଂଗ୍ରହ କରାଯାଇ ଥିବାରୁ ସଙ୍ଗଠନକୁ ସମ୍ମାନିତ କରାଯାଇଛି। ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ଜଙ୍ଗଲ, ପରିବେଶ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ ଆରୁଖ ଭଦ୍ରକ ଅଖିଳ ଭାରତୀୟ ସମାଜର ଇ. ରେଜା-ଏ-ରସୁଲ(ସମ୍ପାଦକ), ଇ. ହବିବୁଲ୍ଲା ଖାନ, ଇ. ମୁଖତାର ଅହେମଦ ରସିଦଙ୍କୁ ପୁରସ୍କାର ଟ୍ରଫି ପ୍ରଦାନ କରିଥିଲେ। ସେହିପରି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭଦ୍ରକ ଭାଗବତ କଲ୍ୟାଣ ମଣ୍ଡପଠାରେ ଜିଲାସ୍ତରୀୟ ସମାରୋହରେ ସଙ୍ଗଠନକୁ ଦ୍ୱିତୀୟ ସ୍ଥାନରେ ସମ୍ମାନିତ କରାଯାଇଛି। ଅତିରିକ୍ତ ଏସ୍‌ପି ବିକାଶ ଦାସ ଓ ଅନ୍ୟତମ ଅତିଥି ମହମ୍ମଦ ଅବଦୁଲ ବାରି ସଙ୍ଗଠନର ସଭାପତି ହାଜି ଇ. ମନାୱର ହୋସେନ, ସଦ୍ଦିର ଅଲି, ଶେଖ୍ ହବିବୁଲ୍ଲା, ଜାୱେଦ ଅଖତର କାଦରୀ ଓ ଶେଖ୍ ଅବୁକଲାମଙ୍କୁ ପୁରସ୍କାର ଟ୍ରଫି ପ୍ରଦାନ କରିଥିଲେ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

ଭଦ୍ରକ ଅଫିସ, ୧୦।୧୦



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଭଦ୍ରକ ଚରମ୍ପାସ୍ଥିତ ସେବା ଓ ଗବେଷଣା କେନ୍ଦ୍ର (ସିଆର୍‌ଏସ୍‌ଆର୍) ଠାରେ ଗୁରୁବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ ପ୍ରଣତି ସାହାଙ୍କ ପୌରୋହିତ୍ୟରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦିବ୍ୟାଙ୍ଗ ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଭାପତି ସାହାଙ୍କ ସମେତ ରେଜିଷ୍ଟ୍ରାର ଜନକ ରାଉତ, ଜିଲା ଆଇନସେବା ପ୍ରାଧିକରଣ ସଚିବ ଅପର୍ଣ୍ଣା ମହାପାତ୍ର, କନିଷ୍ଠ ଦେୱାନୀ ବିଚାରପତି ପ୍ରିୟରଞ୍ଜନ ଓଝା, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରଶ୍ମିନାରାୟଣୀ ମିଶ୍ର ଓ ଲିପ୍ସା ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଦିବ୍ୟାଙ୍ଗ ପିଲାମାନେ ଅକ୍ଷମ ନୁହଁନ୍ତି, ସକ୍ଷମ ବୋଲି ଜଜ୍ ସାହା ନିଜ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଦିବ୍ୟାଙ୍ଗ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ ପୁରସ୍କାର ବିତରଣ କରାଯାଇଥିଲା। ସମସ୍ତ ପିଲାଙ୍କୁ ସେଓ, କଦଳୀ ଏବଂ ବିସ୍କୁଟ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୭୫ ପିଲା, ଅଭିଭାବକ ଓ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ।

## ୨ୟ ଦିନରେ ସିପିଆଇର ଅନଶନ

ବନ୍ତ,୧୦।୧୦(ଡି.ଏନ.ଏ.)- ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତରେ ବିଭିନ୍ନ କାର୍ଯ୍ୟରେ ଅନିୟମିତତା ପ୍ରତିବାଦରେ ରାମଚନ୍ଦ୍ରପୁର ପଞ୍ଚାୟତ ସିପିଆଇ କମିଟି ପକ୍ଷରୁ ଆରମ୍ଭ ହୋଇଥିବା ଅନଶନ ଗୁରୁବାର ୨ୟ ଦିନରେ ପହଞ୍ଚିଥିଲା। ଆସନ୍ତା ଶୁକ୍ରବାର ଅନଶନକାରୀମାନେ ଭଦ୍ରକ-ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥକୁ ବ୍ଲକ ଛକଠାରେ ଅବରୋଧ କରିବେ ବୋଲି ସିପିଆଇ ଜୋନ୍ ସହସମ୍ପାଦକ ପରମେଶ୍ୱର ବାରିକ କହିଛନ୍ତି।

ପାର୍ବଣ ଅବସରରେ ରାଜଘରପୋଖରୀ ପଞ୍ଚାୟତବାସୀଙ୍କୁ ମା' ଦୁର୍ଗା ଖୁସିରେ ରଖନ୍ତୁ । ଲୋକଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି ।
ସବିତା ମହାନ୍ତି
ସରପଞ୍ଚ, ରାଜଘରପୋଖରୀ ଗ୍ରାମପଞ୍ଚାୟତ, ବାସୁଦେବପୁର

ପାର୍ବଣ ଅବସରରେ ସୁଖ ଓ ସମୃଦ୍ଧି କାମନା କରୁଛି।
ଭରତ କୁମାର ନାୟକ
ସାମାଜିକ କର୍ମୀ, ଜୟକୃଷ୍ଣପୁର, ଜଗନ୍ନାଥପ୍ରସାଦ, ବାସୁଦେବପୁର

ପାର୍ବଣ ଅବସରରେ ସାବରଙ୍ଗ ପଞ୍ଚାୟତବାସୀଙ୍କୁ ମା' ଦୁର୍ଗା ଖୁସିରେ ରଖନ୍ତୁ । ଲୋକଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି ।
ରଞ୍ଜିତା ନାୟକ (ମହାପାତ୍ର)
ସରପଞ୍ଚ, ସାବରଙ୍ଗ ଗ୍ରାମପଞ୍ଚାୟତ, ଭଦ୍ରକ

ପଞ୍ଚାୟତର ବିକାଶ ପାଇଁ ବିଜେଡି ସହ ହାତ ମିଳାନ୍ତୁ । ପାର୍ବଣ ଅବସରରେ ପଞ୍ଚାୟତବାସୀଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି ।
ହୀରାଲାଲ ମୁହୁଲି
ଯୁବନେତା, ସାହାଡା, ଭଦ୍ରକ

ପାର୍ବଣ ଅବସରରେ ସାହାଡା ଅଞ୍ଚଳବାସୀଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି ।
ବାଦଲ କିଶୋର ମହାପାତ୍ର
ପ୍ରଧାନଶିକ୍ଷକ, ଲାଲାଜୀ ସରକାରୀ ଉଚ୍ଚ ବିଦ୍ୟାଳୟ, ସାହାଡା, ଭଦ୍ରକ

ପାର୍ବଣ ଅବସରରେ ଚାଷୀଭାଇଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି।
ପ୍ରିୟରଞ୍ଜନ ମହାନ୍ତି
ସମ୍ପାଦକ, ସାହାଡା ସେବା ସମବାୟ ସମିତି, ଭଦ୍ରକ

ପାର୍ବଣ ଅବସରରେ ବାଲିମେଦ ପଞ୍ଚାୟତବାସୀଙ୍କୁ ମା' ଦୁର୍ଗା ଖୁସିରେ ରଖନ୍ତୁ । ଲୋକଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି ।
ପ୍ରଫୁଲ୍ଲ କୁମାର ପଳିତା
ସରପଞ୍ଚ, ବାଲିମେଦ ଗ୍ରାମପଞ୍ଚାୟତ, ବାସୁଦେବପୁର

ପାର୍ବଣ ଅବସରରେ ଜଗନ୍ନାଥପ୍ରସାଦ ପଞ୍ଚାୟତବାସୀଙ୍କୁ ମା' ଦୁର୍ଗା ଖୁସିରେ ରଖନ୍ତୁ । ଲୋକଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି।
ନାରାୟଣ ବାରିକ
ନାଏବ ସରପଞ୍ଚ, ଜଗନ୍ନାଥପ୍ରସାଦ ଗ୍ରାମପଞ୍ଚାୟତ, ବାସୁଦେବପୁର

ପାର୍ବଣ ଅବସରରେ ମା' ଦୁର୍ଗା ମହିଳାମାନଙ୍କୁ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଶକ୍ତି ଦିଅନ୍ତୁ ।
କୁନ୍ତଳା ମିଶ୍ର
ଜ୍ୟୋତିଲକ୍ଷ୍ମୀ ମହିଳା ମହାସଂଘ, ବାସୁଦେବପୁର ବ୍ଲକ

ପାର୍ବଣ ଅବସରରେ ଜଗନ୍ନାଥପ୍ରସାଦ ପଞ୍ଚାୟତବାସୀଙ୍କୁ ମା' ଦୁର୍ଗା ଖୁସିରେ ରଖନ୍ତୁ । ଲୋକଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି ।
ସଞ୍ଜୀବ କୁମାର ପରିଡା
୧୪ ନଂ ୱାର୍ଡ ସଭ୍ୟ, ଜଗନ୍ନାଥପ୍ରସାଦ ଗ୍ରାମପଞ୍ଚାୟତ, ବାସୁଦେବପୁର

ପାର୍ବଣ ଅବସରରେ ମା' ଦୁର୍ଗା ୨୭ ନଂ ଜୋନ୍ ଅଞ୍ଚଳବାସୀଙ୍କୁ ଖୁସିରେ ରଖନ୍ତୁ । ଲୋକଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି ।
ସୁକାନ୍ତୀ ନାୟକ
ଜିଲା ପରିଷଦ ସଭ୍ୟା, ୨୭ ନଂ ଜୋନ୍

ପାର୍ବଣ ଅବସରରେ ମା' ଦୁର୍ଗା ପଞ୍ଚାୟତବାସୀଙ୍କୁ ଖୁସିରେ ରଖନ୍ତୁ।
ପ୍ରମିଳା ବେହେରା, ସରପଞ୍ଚ
ସନ୍ଧ୍ୟାରାଣୀ ଧୂପାଳ, ସମିତିସଭ୍ୟା
ସାହାଡା ଗ୍ରାମପଞ୍ଚାୟତ (ଭଦ୍ରକ)

ପାର୍ବଣ ଅବସରରେ ସୁଗୋ ପଞ୍ଚାୟତବାସୀଙ୍କୁ ମା' ଦୁର୍ଗା ଖୁସିରେ ରଖନ୍ତୁ । ଲୋକଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି ।
ମାନସୀ ନାୟକ
ସରପଞ୍ଚ, ସୁଗୋ ଗ୍ରାମପଞ୍ଚାୟତ, ବାସୁଦେବପୁର

ପାର୍ବଣ ଅବସରରେ ବାଲିମେଦ ପଞ୍ଚାୟତବାସୀଙ୍କୁ ମା' ଦୁର୍ଗା ଖୁସିରେ ରଖନ୍ତୁ । ଲୋକଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି ।
ସସ୍ମିତା ପଟ୍ଟନାୟକ
ସମିତିସଭ୍ୟା, ବାଲିମେଦ ଗ୍ରାମପଞ୍ଚାୟତ, ବାସୁଦେବପୁର

ପାର୍ବଣ ଅବସରରେ ମା' ଦୁର୍ଗା ବାସୁଦେବପୁର ବ୍ଲକବାସୀଙ୍କୁ ଖୁସିରେ ରଖନ୍ତୁ । ଲୋକଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି ।
ରମେଶ ଚନ୍ଦ୍ର ବଳ
ସଭାପତି, ବାସୁଦେବପୁର ବ୍ଲକ, କଂଗ୍ରେସ

ପାର୍ବଣ ଅବସରରେ ସେବା ସମବାୟ ସମିତି ଅଧିନସ୍ଥ ସମସ୍ତ ଚାଷୀମାନଙ୍କୁ ଶୁଭେଚ୍ଛା ।
ଜୟକୃଷ୍ଣ ନାୟକ, ସଭାପତି
ସଞ୍ଜୀବ କୁମାର ଦାସ, ସମ୍ପାଦକ
ଏଡତାଳ ସେବା ସମବାୟ ସମିତି, ବାସୁଦେବପୁର, ଭଦ୍ରକ

ପାର୍ବଣ ଅବସରରେ ମା' ଦୁର୍ଗା ସମସ୍ତ ଚାଷୀମାନଙ୍କୁ ଖୁସିରେ ରଖନ୍ତୁ ।
ଶ୍ରୀଧର ନାୟକ, ସମ୍ପାଦକ
ଉତ୍ତମ କୁମାର ପାତ୍ର, ସଭାପତି
ବାଲିମେଦ ସେବା ସମବାୟ ସମିତି, ବାସୁଦେବପୁର, ଭଦ୍ରକ

ପାର୍ବଣ ଅବସରରେ ମା' ଦୁର୍ଗା ଅଞ୍ଚଳବାସୀଙ୍କୁ ଘଣ୍ଟ ଘୋଡାଇ ରଖନ୍ତୁ ।
ବଂଶୀଧର ବିଶ୍ୱାଳ, ସଭାପତି
କୃଷ୍ଣଚନ୍ଦ୍ର ଘଡାଇ, ସମ୍ପାଦକ
ବିରସ ହାଇୱା ଓନର୍ସ ସିଣ୍ଡିକେଟ୍ (ବାସୁଦେବପୁର, ଭଦ୍ରକ)

ପାର୍ବଣ ଅବସରରେ ସମସ୍ତ ଚାଷୀମାନଙ୍କ ଉନ୍ନତି କାମନା କରୁଛି।
ଅନିରୁଦ୍ଧ ନାୟକ, ସମ୍ପାଦକ
ଅଭିମନ୍ୟୁ ସାହୁ, ସଭାପତି
ପଦ୍ମପୁର ସେବା ସମବାୟ ସମିତି, ବାସୁଦେବପୁର, ଭଦ୍ରକ

## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର ଉଦ୍ୟମ

**ବୈଶିଙ୍ଗା,୧୦।୧୦(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳରେ ବୁଧବାର ଜଣେ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଯୁବତୀ ଜଣକ ଘରେ ଏକୁଟିଆ ଥିବା ସୁଯୋଗ ନେଇ ସେହି ଗ୍ରାମର ଜଣେ ଯୁବକ ବିଳମ୍ବିତ ରାତିରେ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଯୁବତୀଙ୍କ ଚିତ୍କାର ଶୁଣି ପଡୋଶୀମାନେ ଜମା ହୋଇଯିବାରୁ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏଥିନେଇ ବୈଶିଙ୍ଗା ଥାନାରେ ଏକ ମାମଲା (ନଂ.୨୦୫/୧୯)ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି।

### ବିଦ୍ୟୁତ୍ ସଂସ୍ପର୍ଶରେ ମହିଳାଙ୍କ ମୃତ୍ୟୁ

**ଉଦଳା,୧୦।୧୦(ଡି.ଏନ୍.ଏ.):** ଉଦଳା ଥାନା ଅଧୀନ ପାଟଶାଣୀପୁର ପଞ୍ଚାୟତ ଚନ୍ଦ୍ରପୁର ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଗୁରୁବାର ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ହେଲେ କାରନା ବାସ୍କେ(୪୬)। ଘର କାମ କରୁଥିବାବେଳେ ଅସାବଧାନତା ଯୋଗୁ କାରନା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ୍ ମୃତଦେହ ଜବତ କରି ଉଦଳା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪୯/୧୯) ରୁଜୁ ହୋଇଛି।

### ଭଞ୍ଜକିଆରେ ନିଆଁମଡ଼ା ପର୍ବ



**ଯଶିପୁର,୧୦।୧୦(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ରରୁଆଁ ବ୍ଲକ ଅନ୍ତର୍ଗତ ଭଞ୍ଜକିଆଠାରେ ନିଆଁମଡ଼ା ପର୍ବ ପାଳିତ ହୋଇଯାଇଛି। ମାନସିକ ପୂରଣ ପାଇଁ ଜଳନ୍ତା ନିଆଁ ଅଙ୍ଗାରରେ ଦେହୁରୀ ଓ ଭକ୍ତମାନେ ଚାଲିବା ଏଠାକାର ନିଆରା ପରମ୍ପରା। ପ୍ରଥମେ ଗ୍ରାମର କିଆଶୁଣି ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା। ସେଠାରୁ ଭକ୍ତମାନେ ପାଦରେ ଘୁଙ୍ଗୁର ପିନ୍ଧି ବାଦ୍ୟର ତାଳେତାଳେ ଚାଲିଚାଲି ଗାଁ ପରିକ୍ରମା କରିବା ସହ ନିଆଁରେ ଚାଲିଥିଲେ। ଏଥିରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

### ବ୍ୟକ୍ତିତ୍ୱ ବିକାଶ ଶିବିର

**ବାରିପଦା ଅଫିସ,୧୦।୧୦:** ଶାରଦୀୟ ଛୁଟିରେ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ପାଇଁ ବାରିପଦା ଚିନ୍ମୟ ମିଶନ ପକ୍ଷରୁ ବ୍ୟକ୍ତିତ୍ୱ ବିକାଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନଙ୍କ ଶାରୀରିକ, ମାନସିକ, ବୌଦ୍ଧିକ ଏବଂ ଆଧାତ୍ମିକ ବ୍ୟକ୍ତିତ୍ୱ ବିକାଶ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ମିଶନ ପକ୍ଷରୁ କୁହାଯାଇଛି। ବାରିପଦା ମଧୁବନସ୍ଥିତ ଚିନ୍ମୟ ମିଶନ ମନ୍ଦିର ପ୍ରାଙ୍ଗଣରେ ଏହି ଶିବର ଆରମ୍ଭ ହୋଇଛି। ଏହା ଶନିବାର ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକମାନେ ପ୍ରକାଶ କରିଛନ୍ତି। ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀ, ସ୍ୱାମୀ ରାମପ୍ରିୟାନନ୍ଦ ସରସ୍ୱତୀ, ବ୍ରହ୍ମଚାରିଣୀ ପ୍ରତିଭାଙ୍କ ସମେତ ବାରିପଦା ଚିନ୍ମୟ ମିଶନର ସମ୍ପାଦକ ସମ୍ପଦ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

■ ଗର୍ଭସ୍ଥ ଶିଶୁ ଓ ମା'ଙ୍କ ମୃତ୍ୟୁ ଘଟଣା

# ବିନା ଫିଟ୍‌ନେସ, ଇନ୍ସ୍ୟୁରାନ୍ସରେ ଚାଲୁଥିଲା ଆମ୍ବୁଲାନ୍ସ

**ବାରିପଦା ଅଫିସ,୧୦।୧୦**

■ ଡ୍ରାଇଭରଙ୍କୁ ନିଲମ୍ବିତ କରି ଚୁପ୍ ବସିଛି ବିଭାଗ

■ ପ୍ରକୃତ ଦୋଷୀଙ୍କୁ ଘଣ୍ଟ ଘୋଡା ଯାଉଥିବା ଅଭିଯୋଗ

ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜଣେ ପ୍ରସୂତିଙ୍କୁ ନେଇ ବାରିପଦା ମେଡିକାଲ ଆଣୁଥିବା ବେଳେ ଆମ୍ବୁଲାନ୍ସର ତେଲ ସରିଯାଇଥିଲା। ଫଳରେ ଅଧାବାଟରେ ଦୀର୍ଘ ସମୟ ଆମ୍ବୁଲାନ୍ସ ଅଟକି ରହିଥିଲା । ପରେ ଅନ୍ୟ ଏକ ଆମ୍ବୁଲାନ୍ସରେ ତାଙ୍କୁ ମେଡିକାଲ ଅଣାଯାଇଥିଲା। ମାତ୍ର ବିଳମ୍ବ ହେବାରୁ ପ୍ରସୂତି ଓ ଗର୍ଭସ୍ଥ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାର ତଦନ୍ତ କରି ଗତ ୬ ତାରିଖରେ ଆମ୍ବୁଲାନ୍ସର ଡ୍ରାଇଭରଙ୍କୁ ନିଲମ୍ବିତ କରି ବିଭାଗ ଚୁପ୍ ବସିଛି। ପ୍ରକୃତ ଅବହେଳା କରିଥିବା ମେଡିକାଲ ଅଫିସର କିମ୍ବା ଅନ୍ୟ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏହି ଘଟଣାରେ ପ୍ରକୃତ ଦୋଷୀଙ୍କୁ ବିଭାଗ ଘଣ୍ଟ ଘୋଡ଼ାଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଆମ୍ବୁଲାନ୍ସ ରକ୍ଷଣାବେକ୍ଷଣର ସମ୍ପୂର୍ଣ୍ଣ ଦାୟିତ୍ୱ ଡ୍ରାଇଭରଙ୍କର ବୋଲି ବିଭାଗୀୟ ଅଧିକାରୀମାନେ ନିଜ ଉପରୁ ଦୋଷ ଛଡ଼ାଉଛନ୍ତି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଟିଏ ଆମ୍ବୁଲାନ୍ସ




ବାଙ୍ଗିରିପୋଷି ଡାକ୍ତରଖାନାର ଆମ୍ବୁଲାନ୍ସ।

ରହିଛି। ଅଦ୍ୟାବଧି ଏହାର ମରାମତି କରାଯାଇ ନାହିଁ। ଫଳରେ ରୋଗୀମାନେ ଏବେବି ଆମ୍ବୁଲାନ୍ସ ସେବା ପାଇ ପାରୁ ନାହାନ୍ତି। ଏହି ଆମ୍ବୁଲାନ୍ସ (ଓଆର ୧୧ ଜି-୯୭୮୩) ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନାମରେ ରେଜିଷ୍ଟ୍ରେଶନ ହୋଇଛି। ଏହି ଗାଡ଼ିର ଫିଟ୍‌ନେସ ୨୦୧୬ ମେ ମାସ୧୨ ତାରିଖରେ ସରିଯାଇଛି। ସେହିପରି ୩୧ ମାର୍ଚ୍ଚ ୨୦୧୦ରୁ ଏହି ଗାଡିର ଇନ୍ସ୍ୟୁରାନ୍ସ ସରିଯାଇଛି। ଏଭଳି ପରିସ୍ଥିତିରେ କିଭଳି ଗାଡ଼ି ରୋଗୀମାନଙ୍କୁ ନିୟମିତ ଭାବେ ସେବା ଯୋଗାଇ ଆସୁଥିଲା ତାହା ବିସ୍ମୟ ସୃଷ୍ଟି କରିଛି।

ସରକାରଙ୍କ ପରିବହନ ବିଭାଗର ନିୟମ ମୁତାବକ କୌଣସି ଗାଡିର ଫିଟନେସ ଓ ଇନ୍ସ୍ୟୁରାନ୍ସ ନ ଥିଲେ ତାହା ରାସ୍ତାରେ ଚାଲିବା କଥା ନୁହେଁ। ଏହି ଗାଡ଼ି ଠାରୁ ନିୟମ ମୁତାବକ ଜରିମାନା ଆଦାୟ କରାଯିବ। ତେବେ ଠିକ୍ ସମୟରେ ବିଭାଗୀୟ ଅଧିକାରୀମାନେ କାହିଁକି ଗାଡ଼ିର ଫିଟନେସ୍ ଓ ଇନ୍ସ୍ୟୁରାନ୍ସ କରି ନ ଥିଲେ ବୋଲି ପ୍ରଶ୍ନ ଉଠୁଛି। ଏ ସମ୍ପର୍କରେ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ଲକ୍ଷ୍ମୀପ୍ରିୟା ପ୍ରଧାନଙ୍କୁ ପଚାରିବାରୁ ଗାଡ଼ିର ସମସ୍ତ କାଗଜପତ୍ର ଡ୍ରାଇଭରଙ୍କ ନିକଟରେ ରହିଥିଲା ଏବଂ ଅଫିସରେ ଗାଡ଼ି ସମ୍ବନ୍ଧୀୟ କିଛି କାଗଜପତ୍ର ନାହିଁ ବୋଲି କହିଛନ୍ତି। ସେହିପରି ଆମ୍ବୁଲାନ୍ସର ତେଲ ସରିବା ଘଟଣାର ତଦନ୍ତ ପାଇଁ ଯାଇଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ପ୍ରୋଗ୍ରାମ ମ୍ୟାନେଜର ଅନିଲ କୁମାର ମହାନ୍ତଙ୍କୁ ପଚାରିବାରୁ ସେ କୁହନ୍ତି, ଏଡିଏମ(ଏଫଡବ୍ଲୁ) ଡ.ଜ୍ଞାନ ମହାନ୍ତିଙ୍କ ସହିତ ଏହି ଘଟଣାର ତଦନ୍ତ ପାଇଁ ଯାଇଥିଲେ। ଗାଡ଼ିର ଡ୍ରାଇଭର, ଏଏନଏମ, ଆଶା କର୍ମୀ ଓ ଅନ୍ୟମାନଙ୍କ ବୟାନ ରେକର୍ଡ କରାଯାଇଛି। ଏଥିରେ ଡ୍ରାଇଭରଙ୍କ ଅବହେଳା ଥିବା ଜଣାପଡିଥିଲା। ତେବେ ତଦନ୍ତ ସମ୍ପୂର୍ଣ୍ଣ ହୋଇନାହିଁ। ଗାଡିର ଫିଟନେସ ଓ ଇନ୍ସ୍ୟୁରାନ୍ସ ନ ଥିବା ଘଟଣାରେ ତଦନ୍ତ କରାଯିବ। ସିଡିଏମଓଙ୍କ ସହିତ ଏନେଇ ଆଲୋଚନା କରିବେ। ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଗତ ଶୁକ୍ରବାର ବାଙ୍ଗିରିପୋଷି ଥାନା ଅଧୀନ ହାଣଦା ଗ୍ରାମର ଚିତ୍ତରଞ୍ଜନ ମୁଣ୍ଡାଙ୍କ ସ୍ତ୍ରୀ ତୁଳସୀ ପ୍ରସବ ବେଦନା ଅନୁଭବ କରିବାରୁ ରାତି ପ୍ରାୟ ୧୧ ଟା ବେଳେ ତାଙ୍କୁ ବାଙ୍ଗିରିପୋଷି ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା କରୁଥିବା ଡାକ୍ତର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଦର୍ଶାଇ ବାରିପଦା ପିଆରଏମ ମେଡିକାଲକୁ ନେବାକୁ କହିଥିଲେ। ରାତି ୧୨ଟା ପରେ ତୁଳସୀଙ୍କୁ ବାଙ୍ଗିରିପୋଷି ଡାକ୍ତରଖାନାରେ ଥିବା ଏକ ଆମ୍ବୁଲାନ୍ସରେ ବାରିପଦା ପଠାଯାଇଥିଲା। ଗାଡ଼ି ପ୍ରାୟ ୧୭ କି.ମି. ଯିବା ପରେ କାଠଶିର୍ଣ୍ଣୀ ନିକଟରେ ଏହାର ତେଲ ସରିଯାଇଥିଲା। ପ୍ରାୟ ୨ ଘଣ୍ଟା ଅଟକି ରହିବା ପରେ ବାରିପଦାରୁ ୧୦୮ ଆମ୍ବୁଲାନ୍ସ ଯାଇ ତୁଳସୀଙ୍କୁ ମେଡିକାଲକୁ ଆଣିଥିଲା। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସେତେବେଳେ ଆମ୍ବୁଲାନ୍ସର ତେଲ ପାଇପ ଫାଟି ଯିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ବୋଲି ସିଡିଏମଓ ଡା.ପ୍ରଦୀପ ମହାପାତ୍ର କହିଥିଲେ।

### ପଥର ବୋଝେଇ ଟ୍ରାକ୍ଟର ଜବତ

**ଖୁଣ୍ଟା,୧୦।୧୦(ଡି.ଏନ୍.ଏ.)**

ବାରିପଦା ରେଞ୍ଜ ଅଧୀନ ଡୁକୁରା ବନ ବିଭାଗ ଗୁରୁବାର ଏକ କଳା ମୁଗୁନି ପଥର ବୋଝେଇ ଟ୍ରାକ୍ଟର ଜବତ କରିଛି। ଜବତ ଟ୍ରାକ୍ଟରକୁ ବନ ବିଭାଗ କାର୍ଯ୍ୟାଳୟକୁ ନିଆଯାଇଛି। ଶିମିଳିପାଳ ପାଦଦେଶରେ ଥିବା ବିଭିନ୍ନ ବେଆଇନ ପଥର ଖଦାନରୁ ଏକ ଟ୍ରାକ୍ଟରରେ କଳା ମୁଗୁନି ପଥର ବୋଝେଇ କରି ଚାଲାଣ କରାଯାଉଥିଲା। ସୂଚନା ପାଇ ଦଲକିଶୋଲ ଗ୍ରାମ ରାସ୍ତାରେ ବନ କର୍ମଚାରୀମାନେ ଚଢାଉ କରି ଏହାକୁ ଜବତ କରିଥିଲେ। ଡୁକୁରା ଅତିରିକ୍ତ ରେଞ୍ଜ ଅଧିକାରୀ କେଦାର ନାଥ ମଲିକ ଓ ଡିଗ ଫରେଷ୍ଟର ଜଗଦୀଶ ସାହୁଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

### ମହିଳାଙ୍କ ଆତ୍ମହତ୍ୟା

**ରାଇରଙ୍ଗପୁର,୧୦।୧୦ (ଡି.ଏନ୍.ଏ.)**

ବାଦାମପାହାଡ଼ ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଜଣେ ମହିଳା ବେକରେ ରଶି ଲଗାଇ ଗୁରୁବାର ଆତ୍ମହତ୍ୟା କରିଛନ୍ତି। ମୃତ ମହିଳା ହେଲେ ଫାଗୁରାମ ଟୁଡୁଙ୍କ ସ୍ତ୍ରୀ ସ୍ୱର୍ଣ୍ଣଲତା (୪୦)। ଅପରାହ୍ନ ୩ଟା ୩୦ ସମୟରେ ସ୍ୱର୍ଣ୍ଣଲତା ଘରପାଖ ଜଙ୍ଗଲକୁ କାଠ ଆଣିବା ପାଇଁ ଯାଇ ଫେରି ନ ଥିଲେ। ସନ୍ଧ୍ୟା ସମୟରେ ତାଙ୍କ ମୃତଦେହ ଏକ ଗଛରେ ଝୁଲୁଥିବା ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ମେଡିକାଲକୁ ପଠାଇଛି। ଏଥିନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୮/୧୯) ରୁଜୁ ହୋଇଛି।

# ମାତୃପିତୃ ପୂଜନ ଉତ୍ସବ

**କପ୍ତିପଦା,୧୦।୧୦(ଡି.ଏନ୍.ଏ.)**

ପେଡ଼ାଗଡ଼ି ସାର୍ବଜନୀନ ଦୁର୍ଗା ପୂଜା କମିଟି ତରଫରୁ ମାତୃପିତୃ ପୂଜନ ଓ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଅନୁପ କୁମାର ରାଉତ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ କପ୍ତିପଦା ମହାବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ଅଧାପକ ପ୍ରଣବ କିଶୋର ପାଢ଼ୀ, ଅନ୍ୟତମ ଅତିଥିଭାବେ ଯତୀନ୍ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପେଡ଼ାଗଡ଼ି ଆଶ୍ରମ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ସଚ୍ଚିନ୍ଦ୍ର ନାଥ ଦାସ, ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ଦାସ ଓ ପେଡ଼ାଗଡ଼ି ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଚିତ୍ତ ରଞ୍ଜନ ସାହୁଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲ।। ୧୦ଜଣ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଅତିଥିଙ୍କ ଦ୍ୱାରା ଅଙ୍ଗବସ୍ତ୍ର ପ୍ରଦାନ କରାଯାଇଥିଲା। ସେହିଭଳି ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ପେଡ଼ାଗଡ଼ି ବାଳିକା ବିଦ୍ୟାଳୟର ଛାତ୍ରୀ ଅଭିଲିପ୍‌ସା ସାହୁ ଓ ପେଡ଼ାଗଡ଼ି ଉଚ୍ଚ ବିଦ୍ୟାଳୟର ଅନିମେଶ ମହାନ୍ତିଙ୍କୁ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଦଶମୀ ତିଥିରେ ମା'ଙ୍କ ନିକଟରେ ଅପରାଜିତା ପୂଜା, ଅନ୍ନପୂର୍ଣ୍ଣାଷ୍ଟୋକ ପାଠ ଏବଂ ଦେବୀ ଘଟ ବିସର୍ଜନ କାର୍ଯ୍ୟ ସମ୍ପାଦନ ପରେ ସନ୍ଧ୍ୟାରେ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ମାୟାଧର ବିନ୍ଧାଣୀ ଉଦ୍‌ଘାଟନ କରିଥିଲେ। ପୂଜା କମିଟିର ସଭାପତି ଅନୁପ କୁମାର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରତିଷ୍ଠାତା ମାୟାଧର ବିନ୍ଧାଣୀ, ସମ୍ପାଦକ ହେମନ୍ତ ଦଳେଇ, ସହ ସମ୍ପାଦକ ନିରଞ୍ଜନ ସାହୁ,ଗଦାଧର ଦଳେଇ, ଅକ୍ଷୟ ରାଉତ, ମହେଶ୍ୱର ବିଶ୍ୱାଳ, ପ୍ରଶାନ୍ତ ବିନ୍ଧାଣି, ଚକ୍ରଧର ବିନ୍ଧାଣିଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ବିଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଖୁଣ୍ଟା,୧୦।୧୦(ଡି.ଏନ୍.ଏ.)**

ଖୁଣ୍ଟା ଥାନା ଅଧୀନ କାହ୍ନୁପୁର ଗ୍ରାମସ୍ଥିତ ଏକ ବିଲରୁ ଗୁରୁବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ କରକଚିଆ ପଞ୍ଚାୟତ ଅନ୍ତର୍ଗତ ଟିକରପଡା ଗ୍ରାମର ମାତୁରାମ ମୁର୍ମୁ (୩୦) ବୋଲି ଜଣାପଡ଼ିଛି। ବୁଧବାର ସେ ଘରୁ କେଉଁଆଡେ ଯାଇ ଫେରି ନ ଥିଲେ। ଗୁରୁବାର ସକାଳେ କାହ୍ନୁପୁର ଗ୍ରାମର ଏକ ବିଲ ମଧ୍ୟରେ ତାଙ୍କ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖିଥିଲେ। ଖୁଣ୍ଟା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫୨/୧୯)ରୁଜୁ ହୋଇଛି। ମାତୁରାମଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

# ଦାନ୍ତିଆମୁହାଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ

**ବାରିପଦା ଅଫିସ,୧୦।୧୦**

ମୟୂରଭଞ୍ଜ ଜିଲା ଦାନ୍ତିଆମୁହାଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟାଳୟର ନୂତନ କୋଠାକୁ ଉଦ୍‌ଘାଟନ କରିଥିଲେ। ଏତଦ୍ ବ୍ୟତୀତ ଜିଲାପାଳ ବିଭିନ୍ନ କାର୍ଯ୍ୟର ସମୀକ୍ଷା ମଧ୍ୟ କରିଥିଲେ।



ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କୋଠା ଜିଲାପାଳ ଉଦ୍‌ଘାଟନ କରୁଛନ୍ତି ।

# ପୌରପାଳିକା ଝାଡୁଦାରଙ୍କ ଆନ୍ଦୋଳନ

**ସହରରେ ଜମା ହେଲାଣି ଅଳିଆ**

**ଭଦ୍ରକ ଅଫିସ, ୧୦।୧୦**

ଭଦ୍ରକ ପୌରପାଳିକାରେ କାର୍ଯ୍ୟରତ ପ୍ରାୟ ୨ଶହ ଝାଡୁଦାର ୫ ଦିନ ଧରି କାର୍ଯ୍ୟବନ୍ଦ କରି ଆନ୍ଦୋଳନ କରିଛନ୍ତି। ଫଳରେ ସହରର ପ୍ରତି ଛକ, ସାହି, ବସ୍ତିରେ ଅଳିଆ ଜମା ହେଲାଣି। ସହରରେ ପୁତି ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ସହର ବାସିନ୍ଦା ନାକ ଧରି ଯିବାଆସିବା କରୁଥିବା ଦେଖିବାକୁ ମିଳୁଛି। ହେଲେ ସ୍ଥାୟୀ ସମାଧାନ ହୋଇପାରି ନାହିଁ। ଦୀର୍ଘଦିନ ଧରି ପୌରପାଳିକାର କେତେକ ଅସାଧୁ କର୍ମଚାରୀ ଏହି ଠିକା କର୍ମଚାରୀ ଭାବେ ନିୟୋଜିତ ଥିବା ଝାଡୁଦାରଙ୍କ ଇପିଏଫ୍, ଇଏସ୍‌ଆଇ ଓ ଅନ୍ୟାନ୍ୟ ଭତ୍ତା ବାବଦ ଟଙ୍କା ହରିଲୁଟ୍ କରିଥିବା କାରଣରୁ ବାରମ୍ବାର ଆନ୍ଦୋଳନ କରାଯାଉଛି। ହେଲେ ପ୍ରଶାସନ କେବଳ ପ୍ରତିଶ୍ରୁତି ଦେଇ ଏମାନଙ୍କୁ ଫାଙ୍କିବାରେ ଲାଗିଛି ବୋଲି ଅଭିଯୋଗ ହୋଇଛି। ଶନିବାରଠାରୁ କାର୍ଯ୍ୟ ସାରି ଝାଡୁଦାରମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ପୂଜା ବଜାର ଥାଇ ମଧ୍ୟ ସହରରେ କୁଢ଼ କୁଢ଼ ଅଳିଆ ଆବର୍ଜନା ପଡ଼ି ରହିଥିବା ଦେଖିବାକୁ ମିଳିଛି। ପୌରପାଳିକାର କେତେକ ସ୍ଥାୟୀ କର୍ମଚାରୀଙ୍କୁ ନେଇ ପୂଜା ମଣ୍ଡପ ଓ ମୁଖ୍ୟରାସ୍ତା ସଫେଇ କାର୍ଯ୍ୟ କରାଯାଉଛି। ଦିନେ ଦୁଇଦିନ ମଧ୍ୟରେ ସେମାନଙ୍କ ସମସ୍ୟା ସମାଧାନ ହୋଇଯିବ ଓ ସେମାନେ ପୁଣି କାର୍ଯ୍ୟରେ ଯୋଗଦେବେ ବୋଲି ଆଶା କରାଯାଉଥିବା ପୌରପାଳିକାର ମୁଖ୍ୟ ପ୍ରଶାସକ ତଥା ଜିଲାପାଳ ଜ୍ଞାନରଞ୍ଜନ ଦାସ କହିଛନ୍ତି।

# ଯୁବକ ସଂଘର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ।

**ବଡ଼ସାହି,୧୦।୧୦(ସ୍ୱ.ପ୍ର)**

ବଡ଼ସାହି ବ୍ଲକ ଅଧୀନ ହଳଦୀପଦା ଗ୍ରାମର ଗୋପବନ୍ଧୁ ଯୁବକ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଶିଶୁମାନଙ୍କ ମଧ୍ୟରେ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ଲବର ସଭାପତି ଦୀପକ କୁମାର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ଆଇନଜୀବୀ ଅଭୟ କୁମାର ମହାପାତ୍ର, ସମାଜସେବୀ ରଣଜିତ ପାତ୍ର, ପ୍ରଭାତ କୁମାର ଜେନା ଓ ଅବସରପ୍ରାପ୍ତ ଶିକ୍ଷକ ସତ୍ୟନାରାୟଣ ମୁଦି ପ୍ରମୁଖ ଯୋଗଦେଇ ପଣ୍ଡିତ ଗୋପବନ୍ଧୁଙ୍କ ଆଦର୍ଶକୁ ନେଇ ଗଠିତ ଯୁବକ ସଂଘ ପକ୍ଷରୁ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ଲବର ଉପଦେଷ୍ଟା ଅଧାପକ ଯୋଗେଶ୍ୱର ମହାନ୍ତ, କର୍ମକର୍ତ୍ତା ପାର୍ଥସାରଥି ମୁଦି, ଜ୍ୟୋତିଷ ମହାନ୍ତ ଓ ସନ୍ତୋଷ ବେହେରାଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ପୂଜା କମିଟି ସହ ପ୍ରଶାସନର ପ୍ରସ୍ତୁତି ବୈଠକ

# ସିସିଟିଭି ଜଗିବ କାଳୀପୂଜା ମଣ୍ଡପ



ପ୍ରସ୍ତୁତି ବୈଠକରେ ଜିଲାପାଳ ଜ୍ଞାନରଞ୍ଜନ ଦାସ, ଏସ୍‌ପି ରାଜେଶ ପଣ୍ଡିତ ଓ ଅନ୍ୟମାନେ।

**ପ୍ଲାଷ୍ଟିକ୍, ସୋଲ ଓ ପାଣିପାଉଚ୍ ବ୍ୟବହାର ଉପରେ କଟକଣା**

**ଭଦ୍ରକ ଅଫିସ, ୧୦।୧୦**

ଆସନ୍ତା କାଳୀପୂଜା ନିମନ୍ତେ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ସହରର ସମସ୍ତ ପୂଜା କମିଟି କର୍ମକର୍ତ୍ତା ଓ ଶାନ୍ତି ସମନ୍ୱୟ କମିଟି ସଦସ୍ୟଙ୍କୁ ନେଇ ଗୁରୁବାର ସନ୍ଧ୍ୟାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସ ଏଥିରେ ପୌରୋହିତ୍ୟ କରିଥିଲେ। ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ବୈଠକରେ ଏସ୍‌ପି ରାଜେଶ ପଣ୍ଡିତ, ଅତିରିକ୍ତ ଏସ୍‌ପି କୈଳାସ ଚନ୍ଦ୍ର ପରିଡା ଓ ଉପଜିଲାପାଳ ପୀତାମ୍ବର ସାମଲ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚଳିତବର୍ଷ ପୂଜା ମଣ୍ଡପରେ ପ୍ଲାଷ୍ଟିକ, ସୋଲ ଓ ପାଣିପାଉଚ୍, ବୋତଲ ବ୍ୟବହାର ନିଷିଦ୍ଧ କରାଯାଇଥିବା ବେଳେ କମିଟି ସେମାନଙ୍କ ତୋରଣ ରାସ୍ତା ଅତିକ୍ରମ କରାଇବେ ନାହିଁ। ଏହାବ୍ୟତୀତ କମିଟି ପକ୍ଷରୁ ସମସ୍ତ ପୂଜା ମଣ୍ଡପରେ କ୍ଲୋଜ ସର୍କିଟ କ୍ୟାମେରା ଲଗାଯିବା ସହିତ ଅଗ୍ନିନିର୍ବାପକ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଛି। ମଣ୍ଡପକୁ ଶ୍ରଦ୍ଧାଳୁମାନଙ୍କ ଯିବାଆସିବା ପାଇଁ ପ୍ରବେଶ ଓ ପ୍ରସ୍ଥାନର ଅଲଗା ଦ୍ୱାର କରାଯିବା ସହ ଡାକବାଜି ଯନ୍ତ୍ର ଧୀର ଶବ୍ଦରେ ବଜାଯିବ। ସମସ୍ତ କମିଟି ପୂଜା ପୂର୍ବରୁ ବିଦ୍ୟୁତ୍ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଅନୁମତିପତ୍ର ହାସଲ କରିବା ବାଧ୍ୟତାମୂଳକ ବୋଲି ଜିଲାପାଳ କହିଥିଲେ। ଏହି ସମୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆମ୍ବୁଲାନ୍ସକୁ ସଜାଗ ରଖିବାକୁ ସିଡିଏମ୍‌ଓଙ୍କୁ କୁହାଯାଇଥିଲା। ପୂଜା କମିଟିମାନେ ମଣ୍ଡପ ନିକଟକୁ ଆମ୍ବୁଲାନ୍ସ ଓ ଦମକଳ ଯିବା ଭଳି ରାସ୍ତା ରଖିବେ। ପୂଜା ପରେ ମୂର୍ତ୍ତିକୁ ଅସ୍ଥାୟୀ ପୋଖରୀରେ ବିସର୍ଜନ କରିବେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ଦିଗରେ ବ୍ୟାପକ ବନ୍ଦୋବସ୍ତ କରାଯାଉଛି ବୋଲି ଏସ୍‌ପି ସୂଚନା ଦେଇଥିଲେ। ବୈଠକରେ ସମସ୍ତ ପୂଜା କମିଟିର ସଭାପତି ଓ ସମ୍ପାଦକ ସେମାନଙ୍କ ସୁଚିନ୍ତିତ ମତାମତ ରଖିଥିଲେ। ମୁଖ୍ୟତଃ ଚରମ୍ପା ଅଞ୍ଚଳରେ ଏହି ପୂଜା ଧୂମ୍‌ଧାମ୍‌ରେ ପାଳନ ହେଉଥିବାରୁ ଉକ୍ତ ଅଞ୍ଚଳରେ ଅଧିକ ଟ୍ରାଫିକ ପୋଲିସ ମୁତୟନ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆସନ୍ତା ୨୭ ତାରିଖରେ ପୂଜା ଆରମ୍ଭ ହୋଇ ୭ ଦିନ ପରେ ବିସର୍ଜନ କରାଯିବ ବୋଲି ସ୍ଥିର ହୋଇଥିଲା। ବୈଠକରେ ବହୁ ଜିଲାସ୍ତରୀୟ ଓ ପୋଲିସ ଅଧିକାରୀ ଯୋଗ ଦେଇଥିଲେ।

# ଅବ୍ୟବସ୍ଥାରେ ଦମକଳ କେନ୍ଦ୍ର, ଲୋକେ ହନ୍ତସନ୍ତ

**ବଡ଼ସାହି,୧୦।୧୦(ସ୍ୱ.ପ୍ର)**

■ ଲ୍ୟାଣ୍ଡ ଫୋନ ସଂଯୋଗ ନାହିଁ

■ କର୍ମଚାରୀ ପଦବୀ ଖାଲି ପଡ଼ିଛି

ବ୍ୟବସ୍ଥାଗତ ତ୍ରୁଟି ଯୋଗୁଁ ବଡ଼ସାହି ବ୍ଲକରେ ଥିବା ଅଗ୍ନିଶମ ବିଭାଗରେ ଅବ୍ୟବସ୍ଥା ଲାଗି ରହିଛି। ଦମକଳ କେନ୍ଦ୍ର ସ୍ଥାପନର ୯ବର୍ଷ ପରେ ମଧ୍ୟ ଅଦ୍ୟାବଧି ଲ୍ୟାଣ୍ଡଲାଇନ ଫୋନ ସଂଯୋଗ ହୋଇ ପାରିନାହିଁ। ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ। ମୋବାଇଲ ଫୋନରେ ଯୋଗାଯୋଗ ହେଉଥିବାରୁ ତାହା ବେଳେ ବେଳେ କାର୍ଯ୍ୟକ୍ଷମ ହେଉନାହିଁ। ଫଳରେ ଏହି କେନ୍ଦ୍ର ଉପରେ ନିର୍ଭର କରୁଥିବା ୩୦ଟି ପଞ୍ଚାୟତ ଅନ୍ତର୍ଗତ ୨୫୨ଟି ରାଜସ୍ୱ ଗ୍ରାମର ଲୋକେ ହନ୍ତସନ୍ତ ହେଉଛନ୍ତି। ଜରୁରିକାଳୀନ ସେବା ପାଇବାରୁ ବଞ୍ଚିତ ହୋଇ ଅନ୍ୟ କେନ୍ଦ୍ରର ସହାୟତା ଲୋଡୁଛନ୍ତି। ଆବଶ୍ୟକ ଭିତ୍ତିଭୂମି ସହିତ କର୍ମଚାରୀ ଅଭାବ ମଧ୍ୟ ଏଠାରେ ଏକ ପ୍ରମୁଖ ସମସ୍ୟା ପାଲଟିଛି।

ଏହି ବ୍ଲକର ଉଭୟ ପାର୍ଶ୍ୱରେ ବୁଢାବଳଙ୍ଗ ଓ ଗଙ୍ଗାହାର ନଦୀ ପ୍ରବାହିତ ହେଉଛି । ପ୍ରତିବର୍ଷ ଉଦ୍‌ବୃତ୍ତ ବନ୍ୟାଜଳ ଆଖପାଖ ଗ୍ରାମକୁ ପ୍ରବେଶ କରି ଧନଜୀବନ ହାନି ଘଟିଥାଏ । ସେହିପରି ଖରା ଓ ଶୀତ ଦିନେ ଅସାବଧାନତା ପାଇଁ ବହୁ ସ୍ଥାନରେ ଅଗ୍ନିକାଣ୍ଡ ଘଟିଥାଏ । ସେହିପରି ଅଧିକାଂଶ କଚ୍ଚା ଘରେ ରହୁଥିବା ଲୋକମାନଙ୍କ ପାଇଁ ଅଗ୍ନିକାଣ୍ଡ ଏକ ବଡ ବିପତ୍ତି। ନିଆଁ ଲାଗିବା, ସଡକ ଦୁର୍ଘଟଣା, ଉଚ୍ଚ ସ୍ଥାନକୁ ଚଢି ଉଦ୍ଧାର କରିବା, ପଶୁଧନ ଉଦ୍ଧାର କାର୍ଯ୍ୟ, କାଳ ବୈଶାଖୀରେ ଭାଙ୍ଗିପଡିଥିବା ଗଛ ଓ ବିଦ୍ୟୁତ ଖୁଣ୍ଟ ହଟାଇବା ସହିତ ପାଣିରେ ଭାସି ଯାଉଥିବା ଧନଜୀବନକୁ ସୁରକ୍ଷା ଯୋଗାଇବା ପାଇଁ ଅଗ୍ନିଶମ ବିଭାଗର ଆବଶ୍ୟକତା ପଡ଼େ। ବୁଢାବଳଙ୍ଗ ନଦୀ ତଟବର୍ତ୍ତୀ ଅଞ୍ଚଳରେ ଥିବା ଭଞ୍ଜବାଟୀ ଗ୍ରାମର ସନାତନ ନାଏକ କୁହନ୍ତି, ଅଗ୍ନିଶମ ବିଭାଗ ଦେଇଥିବା ମୋବାଇଲ ନମ୍ବରରେ କଲ୍ କଲେ ତାହା ଧରେ ନାହିଁ। ଏପରିକି ସମୟ ସମୟରେ ମୋବାଇଲ ସୁଇଚ୍‌ଅଫ୍ ବୋଲି ସୂଚନା ମିଳିଥାଏ । ଶିମିଳିପାଳ ପାଦ ଦେଶରେ ରହୁଥିବା ଯଦୁନାଥପୁର ଅଞ୍ଚଳର ସୁକୁରାମ ସିଂ କୁହନ୍ତି, ଜରୁରିକାଳୀନ ସେବା ଯୋଗାଉଥିବା ବଡ଼ସାହି ଦମକଳ ବାହିନୀ ଅଫିସ ନମ୍ବର ଲାଗେ ନାହିଁ । ଆମେ ବାଧ ହୋଇ ବାରିପଦା ଦମକଳ କେନ୍ଦ୍ରକୁ ଯୋଗାଯୋଗ କରିଥାଉ । ସୂଚନା ଅନୁଯାୟୀ, ବିଭାଗର ମୁଖ୍ୟ ଅଧିକାରୀଙ୍କ ପଦବୀ ଖାଲି ପଡ଼ିଥିବା ବେଳେ ଦାୟିତ୍ୱରେ ଥିବା କର୍ମଚାରୀ କେନ୍ଦ୍ର ଚଳାଉଛନ୍ତି। ୧୨ଜଣ ଆଗ୍ନିକ ଅଧିକାରୀଙ୍କ ସ୍ଥାନରେ ୮ଜଣ ଅଛନ୍ତି। ବଡ଼ସାହି ଭଳି ଅଞ୍ଚଳରେ ଜରୁରିକାଳୀନ ସେବା ଯୋଗାଉଥିବା ସଂସ୍ଥାଗୁଡିକରେ ଆବଶ୍ୟକ କର୍ମଚାରୀ ଓ ଯନ୍ତ୍ରାଂଶ ମହଜୁଦ ରଖିବା ପାଇଁ ଅଗ୍ନିଶମ ବିଭାଗ ଓ ପ୍ରଶାସନିକ ଅଧିକାରୀମାନେ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ କେନ୍ଦ୍ର ଦାୟିତ୍ୱରେ ଥିବା ଅଧିକାରୀ ସତ୍ୟବାଦୀ ପଲେଇ କୁହନ୍ତି, ଲ୍ୟାଣ୍ଡ ଲାଇନ ଫୋନ ସଂଯୋଗ ପାଇଁ ଆମେ ବାରମ୍ବାର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରିଛୁ । ଯଥା ସମ୍ଭବ ଏହା ସଂଯୋଗ କରିବା ପାଇଁ ବ୍ୟବସ୍ଥା କରିବୁ ବୋଲି କହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୧/୨୦୧୯ Balasore, Friday, October 11/2019

## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା

**ଭଣ୍ଡାରିପୋଖରୀ, ୧୦।୧୦ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ଥାନା ନାଆଁମୀ ଗ୍ରାମର ମଞ୍ଜୁଲତା ମହାରଣା ନାମ୍ନୀ ଜଣେ ମହିଳା ଗୁରୁବାର ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସୂଚନା ଅନୁସାରେ, ସ୍ୱାମୀ ବିଲକୁ ଯାଇଥିବା ବେଳେ ମଞ୍ଜୁଲତା ବିଷ ପିଇ ଦେଇଥିଲେ। ସେ ବିଲରୁ ଆସି ଦେଖିବା ପରେ ଆମ୍ବୁଲାନ୍ସ ଯୋଗେ ମଞ୍ଜୁଲତାଙ୍କୁ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା(ନଂ.୨୬/୧୯) ରୁଜୁ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି।

# ୭ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍

**ଚାନ୍ଦବାଲି, ୧୦।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ୨୦୧୯-୨୦ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ର କଚ୍ଛପ ଗତିକୁ ନେଇ ଜିଲା ପ୍ରଶାସନ ଅସନ୍ତୋଷ ବ୍ୟକ୍ତ କରିଛି। ବୁଧବାର ପ୍ରକଳ୍ପ ନିର୍ଦ୍ଦେଶକ ଚାନ୍ଦବାଲି ବ୍ଲକ ଗସ୍ତ କରିବା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟର ସମୀକ୍ଷା କରିଛନ୍ତି। କେତେକ ପଞ୍ଚାୟତରେ ଏହାର ପ୍ରଥମ କିସ୍ତି ଅର୍ଥ ପ୍ରଦାନରେ ଅହେତୁକ ବିଳମ୍ବକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିବା ସହିତ ୭ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ୩ ଦିନ ମଧ୍ୟରେ ବିଡିଓଙ୍କ ଜରିଆରେ ସନ୍ତୋଷଜନକ ଉତ୍ତର ନ ଦେଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠି ନଂ.୪୪୪୬ରେ ସେ ନିର୍ଦ୍ଦେଶ ଦେଇଛନ୍ତି।

ସମ୍ପୃକ୍ତ ଅଧିକାରୀମାନେ ସେମାନଙ୍କ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସରକାରୀ ଲକ୍ଷ୍ୟ ପୂରଣରେ ବିଫଳ ହୋଇଛନ୍ତି। ପିଡିଙ୍କ ଚିଠି ଅନୁସାରେ ଭୂଇଁବୃତି ପିଇଓ ଅଜୟ ବଳ, ବିଜୟନଗରର ନିରଞ୍ଜନ ଶଂଖୁଆ, ଧାମରା ଓ ଦୋସିଙ୍ଗର ରଜନୀକାନ୍ତ ବଳ, କଇଥଖୋଲାର ରାଜକିଶୋର ଦାସ, କରଣପଲ୍ଲୀର କମଳାକାନ୍ତ କର, ଖେରଙ୍ଗର ରବିନାରାୟଣ ନାଥ ଓ ବଜରାପୁରର ସଞ୍ଜୟ କୁମାର ରାଉତଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସୂଚନାଯୋଗ୍ୟ ଯେ, ଭଦ୍ରକ ଜିଲାର ବନ୍ୟା ଓ ବାତ୍ୟା ପ୍ରଭାବିତ ଚାନ୍ଦବାଲି ବ୍ଲକର ବିଭିନ୍ନ ପଞ୍ଚାୟତ ପାଇଁ ଏହି ଯୋଜନାରେ ଚଳିତ ଆର୍ଥିକ ବର୍ଷରେ ୬ ହଜାର ୪୨ଟି ପକ୍କାଗୃହ ନିର୍ମାଣର ଲକ୍ଷ୍ୟ ରହିଛି। ଏ ନେଇ ହିତାଧିକାରୀ ଚୟନ ସହିତ ନିର୍ମାଣ ଆରମ୍ଭ କରିଥିବା ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଅର୍ଥ ବ୍ୟାଙ୍କ ଜମାଖାତା ମାଧ୍ୟମରେ ପ୍ରଦାନ କରାଯାଇଛି। କାରଣ ଦର୍ଶାଅ ନୋଟିସ ସମ୍ପର୍କରେ ବିଡିଓ ଶ୍ୟାମସୁନ୍ଦର ଟୁଡୁ କେତେକ ପଞ୍ଚାୟତରେ ଯୋଜନାର ଅଗ୍ରଗତି ସନ୍ତୋଷଜନକ ନ ହେବାରୁ ସମ୍ପୃକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି କହିଛନ୍ତି।



ସତ୍‌ସଙ୍ଗ ହେଉଥିବା ଘରେ ପହଞ୍ଚି ଟାଉନ ପୋଲିସ ପଚରାଉଚରା କରୁଛି।

# ସାରଥି ସତ୍‌ସଙ୍ଗ ସ୍ଥଳରେ ପୋଲିସ

**ଭଦ୍ରକ ଅଫିସ, ୧୦।୧୦**

ଭଦ୍ରକ ପୌରାଞ୍ଚଳ ମଠସାହି ନିକଟ ଏକ ଘରେ ଗୁରୁବାର ରାତି ପ୍ରାୟ ୮ଟା ବେଳେ ବାବା ସାରଥିଙ୍କ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଚାଲିଥିଲା। ଖବର ପାଇ କେତେକ ଗଣମାଧ୍ୟମ ପ୍ରତିନିଧି ସେଠାରେ ପହଞ୍ଚିଥିଲେ। ପରେ ଭଦ୍ରକ ଟାଉନ ଥାନାଧିକାରୀ ସରୋଜିନୀ ସିଂ ପହଞ୍ଚି ପଚରାଉଚରା କରିଥିଲେ। ବାବା ସାରଥି ଓରଫ୍ ସନ୍ତୋଷ ରାଉଳ ଜେଲରୁ ଫେରିବା ପରେ ସେ କିମ୍ବା ତାଙ୍କର କୌଣସି ଭକ୍ତ ପୂଜାର୍ଚ୍ଚନା କି ସତ୍‌ସଙ୍ଗ କରିପାରିବେ ନାହିଁ ବୋଲି କଟକଣା ଥିବାବେଳେ ଭଦ୍ରକରେ ଏଭଳି ସତ୍‌ସଙ୍ଗ କାର୍ଯ୍ୟକ୍ରମ ହେବା ଘଟଣା ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ପୋଲିସ ଉକ୍ତ ଘରେ ପହଞ୍ଚି ଅଧିକ ତନାଘନା ଚଳାଇଛି।

# ସାପ କାମୁଡ଼ାରେ ମନ୍ଦିର ପୂଜାରୀଙ୍କ ମୃତ୍ୟୁ

**ସୋର, ୧୦।୧୦(ଡି.ଏନ.ଏ.)**

ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ରଘୁନାଥପୁର ଗ୍ରାମର ଲକ୍ଷ୍ମୀନାରାୟଣ ଏବଂ ଶିବମନ୍ଦିର ପୂଜକଙ୍କର ଗୁରୁବାର ସକାଳେ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ତାଙ୍କ ନାମ ରତ୍ନାକର ପଣ୍ଡା(୫୩) ଓ ଘର ସୋର ବ୍ଲକ କେଦାରପୁର ଗ୍ରାମରେ। ସେ ରଘୁନାଥପୁର ଗ୍ରାମ ବାହାରକୁ ଶୌଚ ହେବା ପାଇ ଯାଇଥିଲେ। ଏହି ସମୟରେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ସେ ଗାଁକୁ ଫେରିଆସିବା ପରେ ଯନ୍ତ୍ରଣା ଅନୁଭବ କରିବାରୁ ଗ୍ରାମବାସୀ ତାଙ୍କୁ ଅଟୋରେ ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ କରି ଘଟଣାର ତଦନ୍ତ କରୁଛି।

# ଶ୍ୱଶୁର ଘରେ ଜ୍ୱାଇଁଙ୍କ ମୃତ୍ୟୁ

**ଔପଦା, ୧୦।୧୦(ଡି.ଏନ.ଏ.)**

ଔପଦା ଥାନା ବଡ଼ପୋଖରୀ ପଞ୍ଚାୟତ ଅଘାଶୂଳ ଗ୍ରାମର ବୈକୁଣ୍ଠ ଦାସ (୩୫) ନାମକ ଯୁବକଙ୍କ ଶ୍ୱଶୁର ଘରେ ମୃତ୍ୟୁ ହୋଇଛି। ଶ୍ୱଶୁର ଘର ଲୋକଙ୍କ କହିବା ଅନୁସାରେ ବୈକୁଣ୍ଠ ଗତ ୭ତାରିଖ ସନ୍ଧ୍ୟାରେ ଖଇରା ଥାନା ରାଇକୁଳା ଗ୍ରାମସ୍ଥିତ ଶ୍ୱଶୁର ଘରେ ପହଞ୍ଚିଥିଲେ। ସେ ରାତି ପ୍ରାୟ ୧୨ଟା ବେଳେ ପରିସ୍ରା କରିବାକୁ ଉଠିଥିବାବେଳେ ନିଜର ଦେହହାତ ଜଳାପୋଡ଼ା ହେଉଥିବା କହିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ମାର୍କୋଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସିମୁଳିଆ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ଶବକୁ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପରେ ଶୋକାକୁଳ ପରିବେଶରେ ଶବ ସତ୍କାର କରାଯାଇଥିଲା।

# ଦମ୍ପତିଙ୍କୁ ହତ୍ୟା ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

**କପ୍ତିପଦା,୧୦।୧୦(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ମଝିଗଡ଼ିଆ ପଞ୍ଚାୟତ ସୀତାରାମସାହିରେ ଗୁଣିଗାରେଡ଼ି ସନ୍ଦେହରେ ଦମ୍ପତିଙ୍କୁ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଗୁରୁବାର କପ୍ତିପଦା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ମହୁଲପଙ୍ଖା ଗ୍ରାମର ଦିବାକର ସିଂ। ତାଙ୍କ ନିକଟରୁ ହତ୍ୟାକାଣ୍ଡରେ ବ୍ୟବହୃତ କଟୁରୀକୁ ପୋଲିସ ଜବତ କରିଛି। ଦିବାକରଙ୍କ ସହଯୋଗୀ ଲାଗ ଓରଫ୍ ଚମ୍ପାଏ ହୋକୁ ବୁଧବାର ପୋଲିସ୍ ଗିରଫ କରି କୋର୍ଟଚାଲାଣ କରିଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ପରମାର ସ୍ମିଥ୍ ପୁରୁଷୋତ୍ତମଦାସ କପ୍ତିପଦା ଥାନାକୁ ଆସି ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଗତ ୬ ତାରିଖ ସନ୍ଧ୍ୟାରେ ସୀତାରାମ ସିଂ ଓ ତାଙ୍କ ସ୍ତ୍ରୀ ଲେତ ଛତ୍ରାମ୍ବଠାରେ ଫୁଟ୍‌ବଲ୍ ଖେଳ ଦେଖି ଫେରୁଥିବା ବେଳେ ଅଭିଯୁକ୍ତ ଦିବାକର ଓ ଲାଗ ତାଙ୍କୁ ଏକ ନିର୍ଜନ ସ୍ଥାନକୁ ଟାଣିନେଇ କଟୁରୀରେ ହାଣି ହତ୍ୟା କରିଥିଲେ। ପରେ ମୃତଦେହକୁ ଡଙ୍ଗାରେ ନେଇ ନିକଟସ୍ଥ ସୁନେଇ ଡ୍ୟାମର ଗଭୀର ଜଳରେ ଫିଙ୍ଗି ଦେଇ ଆସିଥିଲେ।

■ ହାତକଡ଼ି ସହ ଅଭିଯୁକ୍ତ ଚମ୍ପଟ ଘଟଣା

# ୨ ପୋଲିସ ନିଲମ୍ବିତ

**ଚାନ୍ଦବାଲି, ୧୦।୧୦ (ଡି.ଏନ.ଏ.)**

ଏକ କମେଣ୍ଟ ମାରିବା ଘଟଣାରେ ଗିରଫ ଜଣେ ଅଭିଯୁକ୍ତଙ୍କୁ ଭଦ୍ରକ ଜେଲକୁ ନିଆଯାଉଥିଲା। ରାସ୍ତାରେ ବାଇକ୍‌ରୁ ଡେଇଁ ହାତକଡ଼ି ସହିତ ଅଭିଯୁକ୍ତ ଚମ୍ପଟ ମାରିବା ମାମଲାରେ କର୍ତ୍ତବ୍ୟରେ ଅବହେଳା ପାଇଁ ବାଂଶଡ଼ା ଥାନାର ୨ ପୋଲିସ କନଷ୍ଟେବଳ ତୁଷାରକାନ୍ତ ଦାସ ଓ ମୁଷଳ ହାଂସଦାଙ୍କୁ ନିଲମ୍ବନ କରାଯାଇଛି। ଜିଲା ଏସ୍‌ପିଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ଦିଆଯାଇଛି। ଉଲ୍ଲେଖନୀୟ ଯେ, ବାଂଶଡ଼ା ଥାନାର ମାମଲା(ନଂ.୨୩୫/୧୯)ରେ ଅଭିଯୁକ୍ତ ଜଳେଶ୍ୱରପୁର ପଲେଇସାହି ଗାଁର ରାଜେନ୍ଦ୍ର ବାରିକଙ୍କୁ ଚାନ୍ଦବାଲି କୋର୍ଟରୁ ୨ ପୋଲିସ ସୁରକ୍ଷାରେ ଭଦ୍ରକ ଜେଲକୁ ନିଆଯାଉଥିଲା। ନାଳଗୁଣ୍ଡା ବଜାର ରାସ୍ତାରେ ରାଜେନ୍ଦ୍ର ବାଇକ୍‌ରୁ ଡେଇଁ ଖସି ପଳାଇଥିଲେ। ଏହାର ପ୍ରାୟ ୧୦ ଘଣ୍ଟା ପରେ ରାଜେନ୍ଦ୍ରଙ୍କୁ ତାଙ୍କ ଘରୁ ପୋଲିସ ଗିରଫ କରିଥିଲା। ବାଂଶଡ଼ା ଥାନାର କନଷ୍ଟେବଳ ମୁଷଳ ହାଂସଦାଙ୍କ ଅଭିଯୋଗ କ୍ରମେ ଏ ନେଇ ଚାନ୍ଦବାଲି ଥାନାରେ ଅନ୍ୟ ଏକ ମାମଲା (ନଂ.୨୪୪/୧୯) ରୁଜୁ ହୋଇଥିଲା।




# ଏଟିଏମ୍‌ରୁ ବାହାରିଲା କାଗଜ ଲଗା ୫ଶହ ଟଙ୍କା

**ଧାମନଗର, ୧୦।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଦୋବଲ କାଳୀବଜାରରେ ଥିବା ଷ୍ଟେଟବ୍ୟାଙ୍କ ଏଟିଏମ୍‌ରୁ କାଗଜ ଲଗା ଏକ ୫ ଶହ ଟଙ୍କିଆ ନୋଟ୍ ବାହାରିଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ସୋହଡ଼ା ଗ୍ରାମର ଜଣେ ଯୁବତୀ ଗୁରୁବାର ଉକ୍ତ ଏଟିଏମ୍‌ରୁ ୫ ହଜାର ଟଙ୍କା ଉଠାଇଥିଲେ। ଟଙ୍କା ଗଣିବା ବେଳେ ସେଥିରେ ଏକ ଚିରା ୫ଶହ ଟଙ୍କିଆ ନୋଟ୍‌ରେ ସାଦା କାଗଜ ଯୋଡ଼ା ଯାଇଥିବା ଦେଖିବାକୁ ପାଇଥିଲେ। ଏହାପରେ ଅନ୍ୟ ଗ୍ରାହକମାନେ ଆଉ ଟଙ୍କା ଉଠାଇ ନ ଥିଲେ। ଏହି ଖବର ଦୋବଲ ଷ୍ଟେଟବ୍ୟାଙ୍କରେ ଜଣାଇବା ପରେ ଉକ୍ତ ଏଟିଏମ୍ ଫ୍ରାଞ୍ଚାଇଜ ଏଟିଏମ୍ ହୋଇଥିବାରୁ କୌଣସି ଅସୁବିଧା ହେଲେ ଗ୍ରାହକଙ୍କୁ ଭଦ୍ରକ ବ୍ୟାଙ୍କ ସହିତ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। ଯୁବତୀ ଜଣଙ୍କ ଭଦ୍ରକ ବ୍ୟାଙ୍କ ସହିତ ଯୋଗାଯୋଗ କରିଥିବା ସୂଚନା ମିଳିଥିବା ବେଳେ ଉକ୍ତ ଏଟିଏମ୍ ଦ୍ୱାରା ବାରମ୍ବାର ଗ୍ରାହକ ଅସୁବିଧାରେ ପଡୁଥିବା ଅଭିଯୋଗ ହୋଇଛି। ଦୋବଲ ଷ୍ଟେଟବ୍ୟାଙ୍କ ନିକଟରେ ଥିବା ଏଟିଏମ୍ ଉକ୍ତ ବ୍ୟାଙ୍କ ଅଧୀନରେ ନ ଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ଏଟିଏମ୍ ଅସୁରକ୍ଷିତ ଥିବା, ବିଦ୍ୟୁତ୍ କାଟ୍ ସମୟରେ ଟଙ୍କା ବାହାରୁ ନ ଥିବା, ବାରମ୍ବାର ମେସିନ ସମସ୍ୟା ଦେଖାଯାଉଥିବା ବେଳେ ଭଦ୍ରକ ଉପରେ ନିର୍ଭର କରିବା ନେଇ ଜନଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଏଟିଏମ୍‌କୁ ଦୋବଲ ଷ୍ଟେଟବ୍ୟାଙ୍କ ଶାଖା ଅଧୀନରେ ରଖାଯିବାକୁ ଦାବି ହୋଇଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ

## ସଂକ୍ଷେପରେ

### ବସ୍-ବାଇକ୍ ଧକ୍କା, ୩ ମୃତ

ଚମ୍ପୁଆ, ୧୦।୧୦(ଡି.ଏନ.ଏ.) କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଟୋଲକନଣ୍ଡା ଠାରେ ଏକ ଯାତ୍ରୀବାହି ବସ୍ ସହ ବାଇକ ଦୁର୍ଘଟଣା ଘଟିବାରୁ ଘଟଣା ସ୍ଥଳରେ ୨ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଜଣେ ଗୁରୁତର ଆହତଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ ଶଶାଙ୍ଗ ଗ୍ରାମର ଦୁଲୁ ନାଏକ, ଆକାଶ ମହାକୁଡ ଓ ସୁନିଲ ମହାକୁଡ ବ୍ରହ୍ମପୁର କରଞ୍ଜିଆକୁ ଯାଉଥିବା ବେଳେ ଟୋଲକନଣ୍ଡା ଭାଲୁକା ନାଳ ନିକଟରେ ଅପରଦିଗରୁ ଆସୁଥିବା ଏକ ଯାତ୍ରୀବାହି ବସ ସହ ଦୁର୍ଘଟଣା ଘଟିଥିଲା। ଘଟଣା ସ୍ଥଳରେ ଆକାଶ ମହାକୁଡ ଓ ସୁନିଲ ନାଏକ ମୃତ୍ୟୁବରଣ କରିଥିବା ବେଳେ ଗୁରୁତର ଆହାତ ଦୁଲୁ ନାଏକଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମଧ ମୃତ୍ୟୁ ହୋଇଯାଇଥିବା ଡାକ୍ତର ଯୋଗେନ୍ଦ୍ର ନାଥ ଆଧିଆ ସୂଚନା ଦେଇଛନ୍ତି। ଦୁର୍ଘଟଣା ପରେ ବସଟି ବିଲକୁ ଗଡି ଯାଇଥିବା ବେଳେ ଚମ୍ପୁଆ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଧାନବିଲରୁ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ପାଟଣା/ଢେଙ୍କିକୋଟ,୧୦।୧୦ (ସ୍ୱ.ପ୍ର./ଡି.ଏନ.ଏ.)-କେନ୍ଦୁଝର ଜିଲା ପାଟଣା ବ୍ଲକ କେତାଙ୍ଗ ଗ୍ରାମ ନିକଟ କେତାଙ୍ଗ-ମହୁଲଡିହା ରାସ୍ତା ପାର୍ଶ୍ୱର ଏକ ଧାନବିଲରୁ ଅଜଣା ବ୍ୟକ୍ତିଙ୍କ ମୃତଦେହକୁ ଗୁରୁବାର ଘଟଗାଁ ପୋଲିସ ଉଦ୍ଧାର କରିଛି। ସୂଚନା ଅନୁଯାୟୀ ଗୁରୁବାର ସକାଳୁ ଗ୍ରାମବାସୀ ମୃତଦେହକୁ ଦେଖି ଘଟଗାଁ ପୋଲିସକୁ ଖବର ଦେଇଥିଲେ। କେହି ଦୁର୍ବୃତ୍ତ ଯୁବକଙ୍କ ମୁହଁକୁ ପଥରରେ ଛେଚି ବିକୃତ କରିଥିବା ପୋଲିସ ପକ୍ଷରୁ ଅନୁମାନ କରାଯାଉଛି। ତେବେ ଏହି ବ୍ୟକ୍ତିଙ୍କ ବୟସ ୩୫ ରୁ ୪୦ ବର୍ଷ ମଧ୍ୟରେ ହେବ। ବ୍ୟକ୍ତି ଜଣକଙ୍କ ପରିଚୟ ମିଳିପାରି ନାହିଁ। ସେ ଫୁଲ ପ୍ୟାଣ୍ଟ ସାର୍ଟ ପିନ୍ଧିଥିବା ଦେଖିବାକୁ ମିଳିଛି। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୋଲିସ ଅନୁମାନ କରୁଛି। ଘଟଗାଁ ଥାନାଧିକାରୀ ବନ୍ଦନା ପାତ୍ର ମାମଲାର ତଦନ୍ତ ଜାରି ରଖିଛନ୍ତି।

# ନଳକୂପରେ ନାହିଁ ପ୍ଲାଟଫର୍ମ

- ବିଶୁଦ୍ଧ ଜଳ ପାଇଁ ଲୋକେ ହଇରାଣ
- ଅଭିଯୋଗ ସତ୍ତ୍ୱେ ନିଆଯାଉନି ପଦକ୍ଷେପ

ଘସିପୁରା,୧୦।୧୦(ଡି.ଏନ.ଏ.)



କେନ୍ଦୁଝର ଜିଲା ଘସିପୁରା ବ୍ଲକ ଅନ୍ତର୍ଗତ ଗୋହିରା ପଞ୍ଚାୟତ ଓସ୍ତପୁରା ଗ୍ରାମରେ ଦୀର୍ଘଦିନ ହେବ ପାନୀୟଜଳ ସମସ୍ୟା ଲାଗି ରହିଛି। ଏହା ଏକ ବଣପାହାଡ଼ଘେରା ଅଞ୍ଚଳ। ବ୍ଲକ ଠାରୁ ଏହାର ଦୂରତା ପାଖାପାଖି ୫ କି.ମି. ହେବ। କହିବାକୁ ଗଲେ ଗ୍ରାମଟି ହେଉଛି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଗ୍ରାମେରେ ବିଭିନ୍ନ ପ୍ରକାର ସମସ୍ୟା ଲାଗି ରହିଥିବାବେଳେ ପାନୀୟ ଜଳ ସମସ୍ୟା ହେଉଛି ମୁଖ୍ୟ। ଲୋକମାନେ ପାଣି ପାଇଁ ଦୂଷିତ ଜଳକୁ ବ୍ୟବହାର କରୁଛନ୍ତି। ଏଥିଲାଗି ନାହିଁ ନ ଥିବା ଅସୁବିଧା ମଧ ଭୋଗୁଛନ୍ତି। ପାନୀୟ ଜଳ ଯୋଗାଣ ପାଇଁ ସରକାର ବିଭିନ୍ନ ଯୋଜନାରେ ନଳକୂପ ଖନନ ଠାରୁ ଆରମ୍ଭ କରି ତାହାର ରକ୍ଷଣାବେକ୍ଷଣା ଓ ପ୍ଲାଟଫର୍ମ (ପିଣ୍ଡି) ନିର୍ମାଣ ପାଇଁ ପଞ୍ଚାୟତ ସ୍ତରରେ ସ୍ୱତନ୍ତ୍ର ଅନୁଦାନ ଦେଉଛନ୍ତି। କିନ୍ତୁ ସରକାରଙ୍କ ଏହି ଅନୁଦାନର ସଦୁପଯୋଗ କରାଯାଇ ନ ପାରିବା ପରିତାପର ବିଷୟ। ଏଠାରେ ନଳକୂପ ଅଛି ସତ କିନ୍ତୁ ବ୍ୟବହାର କରାଯାଇପାରୁନି। ଏନେଇ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ ଶୁଣିବାକୁ କେହି ନାହାନ୍ତି।

ଓସ୍ତପୁରା ଗ୍ରାମରେ ବର୍ଷବର୍ଷ ଧରି ଲୋକଙ୍କ ଦାବି ପରେ ନଳକୂପ ଖନନ ହେଲା। ମାତ୍ର ଇତି ମଧରେ ଏକ ବର୍ଷ ବିତିଥିଲେ ମଧ ଉକ୍ତ ନଳକୂପରେ ପ୍ଲାଟଫର୍ମ ନିର୍ମାଣ କରାଯାଇ ନଥିବା ବେଳେ ରକ୍ଷଣାବେକ୍ଷଣା ପ୍ରତି ମଧ ଦୃଷ୍ଟି ଦିଆଯାଇ ନାହିଁ। ଫଳରେ ବିଶୁଦ୍ଧ ପାନୀୟ ଜଳ ପାଇ ପାରୁ ନଥିବା ୩ନଂ ୱାର୍ଡ ମଙ୍ଗଳାଶାଳର ଲୋକେ ଅଭିଯୋଗ କରିଛନ୍ତି। ବିଶେଷ କରି ବର୍ଷା ଦିନ ହୋଇଥିବାରୁ ନଳକୂପ ଭିତରେ ଆଖପାଖ ଅଞ୍ଚଳର ଗୋଳିଆ ପାଣି ଜମି ରହୁଛି। ଯାହା ବ୍ୟବହାର ଅନୂପଯୋଗୀ। ଏହାକୁ ବ୍ୟବହାର କରି ନାନା ରୋଗର ସମ୍ମୁଖୀନ ହେଉଛନ୍ତି। ପ୍ଲାଟଫର୍ମ ନିର୍ମାଣ ପାଇଁ ବାରମ୍ବାର ସରପଞ୍ଚଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ହୋଇପାରିନାହିଁ । ତୁରନ୍ତ ସମସ୍ୟାର ସମାଧାନ ଦିଗରେ ପଦକ୍ଷକ୍ଷେପ ନେବାକୁ ଗ୍ରାମବାସୀ କୃଷ୍ଣଚନ୍ଦ୍ର ନାୟକ, ନାଲୁ ମହାକୁଡ଼, ସୁର ମହାକୁଡ଼, କୈଳାଶ ନୟକ, ନନ୍ଦିଆ ନାୟକ, ତପୁ ମହାକୁଡ଼, ରଞ୍ଜନ ନାୟକ, ବାୟାଧର ନାୟକ ପ୍ରମୁଖ ଦାବି କରିଛନ୍ତି।

# ଏନ୍‌ଏଚ୍‌ରେ ପଡ଼ିରହିଛି ଦୁର୍ଘଟଣାଗ୍ରସ୍ତ ଟ୍ରକ



- ୨ ମାସ ହେବ କରାଯାଉନି ଜବତ
- ରାସ୍ତା ସଙ୍କୁଚିତ ଯୋଗୁ ଲୋକେ ହଇରାଣ

ଘସିପୁରା,୧୦।୧୦(ଡି.ଏନ.ଏ):

୨୦ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଅକାଳରେ ଯାଉଛି ଅନେକଙ୍କ ଜୀବନ। ଦୁର୍ଘଟଣା ଏଡ଼ାଇବା ପାଇଁ ସଚେତନତା ଠାରୁ ଆରମ୍ଭ କରି ନିୟମ ଉଲ୍ଲଂଘନ ଜରିମାନା ଆଦାୟ ଉପରେ ମଧ ଗୁରୁତ୍ୱ ଦିଆଯାଉଛି। ମାତ୍ର ଏସବୁ ଭିତରେ ପ୍ରଶାସନର ଅବହେଳା ପାଇଁ ଦୁର୍ଘଟଣାକୁ ନିମନ୍ତ୍ରଣ ଭଳି ଏକ ଉଦାହରଣ ଦେଖିବାକୁ ମିଳିଛି। ଏହି ଜାତୀୟ ରାଜପଥ ଅନ୍ତର୍ଗତ ଗୁରୁତ୍ୱପୂର୍ଣ୍ଣ ଘସିପୁରା ବାଇପାସଠାରେ ଦୀର୍ଘ ମାସ ହେବ ଏକ ଦୁର୍ଘଟଣାଗ୍ରସ୍ତ (ନଂ. ଓଡି-୧୫-ଏଲ-୨୨୬୨) ବିଶିଷ୍ଟ ଟ୍ରକ ବିପଦସଙ୍କୁଳ ଅବସ୍ଥାରେ ପଡ଼ିରହିଛି। ୨ ମାସ ତଳେ ଶୈଳଙ୍ଗ ପଟୁ ଆସୁଥିବା ଏହି ଟ୍ରକଟି ଏଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏତେ ସମୟ ବିତି ଯାଇଥିଲେ ମଧ ଟ୍ରକଟି ସେହିଭଳି ପୂର୍ବ ଅବସ୍ଥାରେ ପଡ଼ିରହିଛି। ଟ୍ରକ ଯୋଗୁ ଜାତୀୟ ରାଜପଥ ଶଙ୍କୁଚିତ ହୋଇଛି। ଅପରପକ୍ଷେ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇଥିବାରୁ ସେହିଠାରେ ଉଭୟପାର୍ଶ୍ୱର ଗାଡ଼ି ଯାତାୟାତ ପାଇଁ ଗୋଟିଏ ପାର୍ଶ୍ୱ ଉପରେ ନିର୍ଭର କରୁଛନ୍ତି। ଏଭଳିସ୍ଥଳେ ଉକ୍ତ ଟ୍ରକଟି ରାସ୍ତା ଉପରେ ପଡ଼ି ରହିଥିବାରୁ ସମ୍ଭାବ୍ୟ ଦୁର୍ଘଟଣା ପରିସ୍ଥିତିକୁ ମଧ ଏଡ଼ାଇ ଦିଆଯାଇ ନ ପାରେ। ମାସମାସ ବିତିଯାଇଥିଲେ ମଧ ପ୍ରଶାସନ କିମ୍ବା ଜାତୀୟ ରାଜପଥ ସୁରକ୍ଷା ଦାୟିତ୍ୱରେ ଥିବା ପାଟ୍ରୋଲିଂ ବିଭାଗ କାହିଁକି ଏହି ଗାଡ଼ିକୁ ଜବତ କରୁ ନାହିଁ ସେନେଇ ମଧ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ପଦଯାତ୍ରାରେ ବିଧାୟକ ସାମିଲ



ଘସିପୁରା ବିଧାୟକ ସମର୍ଥକଙ୍କ ସହିତ ପଦଯାତ୍ରାରେ ଯାଉଛନ୍ତି।

ଆନନ୍ଦପୁର,୧୦।୧୦(ସ୍ୱ.ପ୍ର.)

ଘସିପୁରା ନିର୍ବାଚନମଣ୍ଡଳୀ ଭଣ୍ଡାରିଡିହା ଏବଂ ଶାମୁକାନେଣ୍ଡି ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଏବଂ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଜିଲା ବିଜେଡି ସଭାପତି ବିମ୍ବାଧର ବିଶ୍ୱାଳ, ଜିଲା ବିଜେଡି ସମ୍ପାଦକ ମନମଥ ରାଉତ, ଜିଲା ଟ୍ରକ ମାଲିକ ସଂଘ ସଭାପତି ରମାକାନ୍ତ ନାୟକ ପ୍ରମୁଖ ସାମିଲ ହୋଇ ପଞ୍ଚାୟତର ବିଭିନ୍ନ ଅଞ୍ଚଳକୁ ପଦଯାତ୍ରା କରିଥିଲେ। ଏହି ଅବସରରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ବିଜୁ ଜନତା ଦଳର ସମର୍ଥକମାନେ ସାମିଲ ହୋଇ ସ୍ଲୋଗାନ ଦେଇଥିଲେ। ପରେ ଭଣ୍ଡାରିଡିହାଠାରେ ଏକ ପଥପ୍ରାନ୍ତ ସଭାରେ ବିଧାୟକ ପାତ୍ର ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ପର୍କରେ ଲୋକମାନଙ୍କୁ ସୂଚନା ଦେଇଥିଲେ। ଏହା ସହିତ ରାଜ୍ୟ ସରକାର ଗରିବମାନଙ୍କର ସରକାର ଭାବେ ଅଭିହିତ କରିବା ସହିତ ସମସ୍ତ ହିତାଧିକାରୀମାନେ ନିଜର ହକ୍ ହାସଲ କରିବା ପାଇଁ ଗ୍ରାମ ସଭାରେ ସ୍ୱର ଉତ୍ତୋଳନ କରିବାକୁ ପରାମର୍ଶ ଦେଇଥିଲେ। ସମସ୍ତ ସରକାରୀ ସୁବିଧା ହାସଲ କରିବାକୁ ହେଲେ ଆଗାମୀ ଦିନରେ ରାଜ୍ୟ ସରକାରଙ୍କୁ ବିପୁଳ ମାତ୍ରାରେ ସମର୍ଥନ ଜଣାଇବା ପାଇଁ ବିଧାୟକ ପାତ୍ର ସୂଚନା ଦେଇଥିଲେ। ଏହି ପଦଯାତ୍ରା ବହୁ ସଂଖ୍ୟାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସାମିଲ ମଧ ହୋଇଥିଲେ। କାର୍ଯ୍ୟକ୍ରମକୁ ବିଜୟ ଚକ୍ର, ପର୍ଶୁରାମ ମହାରଣା, ପାରେଶ ନାଥ କୁଅଁର ପ୍ରମୁଖଙ୍କ ସମେତ ବହୁ ଆଗଧାଡିର କର୍ମୀମାନେ ପରିଚାଳନାରେ ସହାୟତା କରିଥିଲେ।

# ବାତୋରେ ଗୋପବନ୍ଧୁ ଜୟନ୍ତୀ ପାଳିତ

ଘସିପୁରା,୧୦।୧୦(ଡି.ଏନ.ଏ.)

ଘସିପୁରା ବ୍ଲକ ଅନ୍ତର୍ଗତ ବାତୋ ଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ମୃତି ନିଳୟ କୁଞ୍ଜବନ ପ୍ରକୋଷ୍ଠରେ କମିଟି ସଭାପତି ଯଦୁନାଥ ମଲ୍ଲିକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ସଭ୍ୟା ସାବିତ୍ରୀ ନାଥ, ରାମଚନ୍ଦ୍ର ରାଉତ, ଉଦୟନାଥ ସ୍ୱାଇଁ, ଉମାକାନ୍ତ ଜେନା ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧରେ ସାହିତ୍ୟିକ ଚନ୍ଦ୍ରମଣି ମାଝି, ବିନୋଦ ବିହାରୀ ସାହୁ, ଦୁଖେନ୍ଦ୍ର ନାଥ, ଗଙ୍ଗାଧର ପରିଡ଼ା, ନରହରି ରାଉତ, ଅର୍ଜୁନ ଚରଣ ପାଗଳ, ଗୟାଧର ନାଥ ପ୍ରମୁଖ ସ୍ୱରଚିତ କବିତା ଆବୃତି କରିଥିଲେ। ଅଧାପିକା ନିବେଦିତା ପଣ୍ଡା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବାବେଳେ ଅଧାପକ ପ୍ରଫୁଲ୍ଲ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ସାମ୍ବତ୍ସରିକ ଗୁରୁପୂଜନ କାର୍ଯ୍ୟକ୍ରମ

କେନ୍ଦୁଝର, ୧୦।୧୦(ଡି.ଏନ୍.ଏ.)

କେନ୍ଦୁଝର ଜିଲା ପାଟଣା ବ୍ଲକ ଅନ୍ତର୍ଗତ ଭୁଲୁଦା ଗ୍ରାମରେ ସାମ୍ବତ୍ସରିକ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁଦାସ କମିଟିର ସଭାପତି ଗାୟକ ମହାରଥି ତୁଳସୀରାମ ମହାନ୍ତଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟଅତିଥି ଭାବେ ଜିଲା ପାଲା ପରିଷଦର ସଭାପତି ଗଜେନ୍ଦ୍ର କୁମାର ବାରିକ, ମୁଖ୍ୟବକ୍ତା ଭାବେ ଗାୟକ ଉପେନ୍ଦ୍ର କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ବିନୋଦ ବିହାରୀ ମହାନ୍ତ, ସହଦେବ ମହାନ୍ତ, ନୀଳାମ୍ବର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦାଶକାଠିଆ ଗାୟକ ପୁରନ୍ଦର ନାୟକଙ୍କ ଦ୍ୱାରା ଦାଶକାଠିଆ ପରିବେଷଣ କରାଯାଇଥିଲା। ସେହିପରି ପାଲା ଗାୟକ ମଦନ ଲୋହାର, ନରହରି ମହାନ୍ତ, ବ୍ରହ୍ମାନନ୍ଦ ପାତ୍ରଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ବହୁ ଜନ ସମାଗମ ହୋଇଥିବାବେଳେ ପଣ୍ଡିତ ଗାୟକଭୂଷଣ ଗୌରାଙ୍ଗ ଚନ୍ଦ୍ର ମଙ୍ଗରାଜ ମହାପାତ୍ରଙ୍କ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ରାଇସୁଆଁ,୧୦।୧୦(ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ କଣ୍ଡରାପଶି ଗ୍ରାମରେ ଗୁରୁବାର ଜଣେ ମହିଳାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ସଦର ପୋଲିସ ଜବତ କରିଛି। ସେ ହେଲେ କଣ୍ଡରାପଶି ଗ୍ରାମର ବସୁମତୀ ନାୟକ। ସଦର ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଜାରି ରଖିଛି। ତେବେ ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ।

ପାର୍ବଣ ଅବସରରେ ରାଜଘରପୋଖରୀ ପଞ୍ଚାୟତବାସୀଙ୍କୁ ମା' ଦୁର୍ଗା ଖୁସିରେ ରଖନ୍ତୁ । ଲୋକଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି ।
ସବିତା ମହାନ୍ତି
ସରପଞ୍ଚ, ରାଜଘରପୋଖରୀ ଗ୍ରାମପଞ୍ଚାୟତ, ବାସୁଦେବପୁର

ପାର୍ବଣ ଅବସରରେ ସୁଖ ଓ ସମୃଦ୍ଧି କାମନା କରୁଛି।
ଭରତ କୁମାର ନାୟକ
ସାମାଜିକ କର୍ମୀ, ଜୟକୃଷ୍ଣପୁର, ଜଗନ୍ନାଥପ୍ରସାଦ, ବାସୁଦେବପୁର

ପାର୍ବଣ ଅବସରରେ ସାବରଙ୍ଗ ପଞ୍ଚାୟତବାସୀଙ୍କୁ ମା' ଦୁର୍ଗା ଖୁସିରେ ରଖନ୍ତୁ । ଲୋକଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି ।
ରଞ୍ଜିତା ନାୟକ (ମହାପାତ୍ର)
ସରପଞ୍ଚ, ସାବରଙ୍ଗ ଗ୍ରାମପଞ୍ଚାୟତ, ଭଦ୍ରକ

ପଞ୍ଚାୟତର ବିକାଶ ପାଇଁ ବିଜେଡି ସହ ହାତ ମିଳାନ୍ତୁ । ପାର୍ବଣ ଅବସରରେ ପଞ୍ଚାୟତବାସୀଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି ।
ହୀରାଲାଲ ମୁହୁଲି
ଯୁବନେତା, ସାହାଡା, ଭଦ୍ରକ

ପାର୍ବଣ ଅବସରରେ ସାହାଡା ଅଞ୍ଚଳବାସୀଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି ।
ବାଦଲ କିଶୋର ମହାପାତ୍ର
ପ୍ରଧାନଶିକ୍ଷକ, ଲାଲାଜୀ ସରକାରୀ ଉଚ୍ଚ ବିଦ୍ୟାଳୟ, ସାହାଡା, ଭଦ୍ରକ

ପାର୍ବଣ ଅବସରରେ ଚାଷୀଭାଇଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି।
ପ୍ରିୟରଞ୍ଜନ ମହାନ୍ତି
ସମ୍ପାଦକ, ସାହାଡା ସେବା ସମବାୟ ସମିତି, ଭଦ୍ରକ

ପାର୍ବଣ ଅବସରରେ ବାଲିମେଦ ପଞ୍ଚାୟତବାସୀଙ୍କୁ ମା' ଦୁର୍ଗା ଖୁସିରେ ରଖନ୍ତୁ । ଲୋକଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି ।
ପ୍ରଫୁଲ୍ଲ କୁମାର ପଳିତା
ସରପଞ୍ଚ, ବାଲିମେଦ ଗ୍ରାମପଞ୍ଚାୟତ, ବାସୁଦେବପୁର

ପାର୍ବଣ ଅବସରରେ ଜଗନ୍ନାଥପ୍ରସାଦ ପଞ୍ଚାୟତବାସୀଙ୍କୁ ମା' ଦୁର୍ଗା ଖୁସିରେ ରଖନ୍ତୁ । ଲୋକଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି।
ନାରାୟଣ ବାରିକ
ନାଏବ ସରପଞ୍ଚ, ଜଗନ୍ନାଥପ୍ରସାଦ ଗ୍ରାମପଞ୍ଚାୟତ, ବାସୁଦେବପୁର

ପାର୍ବଣ ଅବସରରେ ମା' ଦୁର୍ଗା ମହିଳାମାନଙ୍କୁ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଶକ୍ତି ଦିଅନ୍ତୁ ।
କୁନ୍ତଳା ମିଶ୍ର
ଜ୍ୟୋତିଲକ୍ଷ୍ମୀ ମହିଳା ମହାସଂଘ ବାସୁଦେବପୁର ବ୍ଲକ

ପାର୍ବଣ ଅବସରରେ ଜଗନ୍ନାଥପ୍ରସାଦ ପଞ୍ଚାୟତବାସୀଙ୍କୁ ମା' ଦୁର୍ଗା ଖୁସିରେ ରଖନ୍ତୁ । ଲୋକଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି ।
ସଞ୍ଜୀବ କୁମାର ପରିଡା
୧୪ ନଂ ୱାର୍ଡ ସଭ୍ୟ, ଜଗନ୍ନାଥପ୍ରସାଦ ଗ୍ରାମପଞ୍ଚାୟତ, ବାସୁଦେବପୁର

ପାର୍ବଣ ଅବସରରେ ମା' ଦୁର୍ଗା ୨୭ ନଂ ଜୋନ୍ ଅଞ୍ଚଳବାସୀଙ୍କୁ ଖୁସିରେ ରଖନ୍ତୁ । ଲୋକଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି ।
ସୁକାନ୍ତୀ ନାୟକ
ଜିଲା ପରିଷଦ ସଭ୍ୟା, ୨୭ ନଂ ଜୋନ୍

ପାର୍ବଣ ଅବସରରେ ମା' ଦୁର୍ଗା ପଞ୍ଚାୟତବାସୀଙ୍କୁ ଖୁସିରେ ରଖନ୍ତୁ।
ପ୍ରମିଳା ବେହେରା, ସରପଞ୍ଚ
ସନ୍ଧ୍ୟାରାଣୀ ଧୂପାଳ, ସମିତିସଭ୍ୟା
ସାହାଡା ଗ୍ରାମପଞ୍ଚାୟତ (ଭଦ୍ରକ)

ପାର୍ବଣ ଅବସରରେ ସୁଗୋ ପଞ୍ଚାୟତବାସୀଙ୍କୁ ମା' ଦୁର୍ଗା ଖୁସିରେ ରଖନ୍ତୁ । ଲୋକଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି ।
ମାନସୀ ନାୟକ
ସରପଞ୍ଚ, ସୁଗୋ ଗ୍ରାମପଞ୍ଚାୟତ, ବାସୁଦେବପୁର

ପାର୍ବଣ ଅବସରରେ ବାଲିମେଦ ପଞ୍ଚାୟତବାସୀଙ୍କୁ ମା' ଦୁର୍ଗା ଖୁସିରେ ରଖନ୍ତୁ । ଲୋକଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି ।
ସସ୍ମିତା ପଟ୍ଟନାୟକ
ସମିତିସଭ୍ୟା, ବାଲିମେଦ ଗ୍ରାମପଞ୍ଚାୟତ, ବାସୁଦେବପୁର

ପାର୍ବଣ ଅବସରରେ ମା' ଦୁର୍ଗା ବାସୁଦେବପୁର ବ୍ଲକବାସୀଙ୍କୁ ଖୁସିରେ ରଖନ୍ତୁ । ଲୋକଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି ।
ରମେଶ ଚନ୍ଦ୍ର ବଳ
ସଭାପତି, ବାସୁଦେବପୁର ବ୍ଲକ, କଂଗ୍ରେସ

ପାର୍ବଣ ଅବସରରେ ସେବା ସମବାୟ ସମିତି ଅଧିନସ୍ଥ ସମସ୍ତ ଚାଷୀମାନଙ୍କୁ ଶୁଭେଚ୍ଛା ।
ଜୟକୃଷ୍ଣ ନାୟକ, ସଭାପତି
ସଞ୍ଜୀବ କୁମାର ଦାସ, ସମ୍ପାଦକ
ଏଡତାଳ ସେବା ସମବାୟ ସମିତି, ବାସୁଦେବପୁର, ଭଦ୍ରକ

ପାର୍ବଣ ଅବସରରେ ମା' ଦୁର୍ଗା ସମସ୍ତ ଚାଷୀମାନଙ୍କୁ ଖୁସିରେ ରଖନ୍ତୁ ।
ଶ୍ରୀଧର ନାୟକ, ସମ୍ପାଦକ
ଉତ୍ତମ କୁମାର ପାତ୍ର, ସଭାପତି
ବାଲିମେଦ ସେବା ସମବାୟ ସମିତି, ବାସୁଦେବପୁର, ଭଦ୍ରକ

ପାର୍ବଣ ଅବସରରେ ମା' ଦୁର୍ଗା ଅଞ୍ଚଳବାସୀଙ୍କୁ ଘଣ୍ଟ ଘୋଡାଇ ରଖନ୍ତୁ ।
ବଂଶୀଧର ବିଶ୍ୱାଳ, ସଭାପତି
କୃଷ୍ଣଚନ୍ଦ୍ର ଘଡାଇ, ସମ୍ପାଦକ
ବିରସ ହାଇୱା ଓନର୍ସ ସିଣ୍ଡିକେଟ୍ (ବାସୁଦେବପୁର, ଭଦ୍ରକ)

ପାର୍ବଣ ଅବସରରେ ସମସ୍ତ ଚାଷୀମାନଙ୍କ ଉନ୍ନତି କାମନା କରୁଛି।
ଅନିରୁଦ୍ଧ ନାୟକ, ସମ୍ପାଦକ
ଅଭିମନ୍ୟୁ ସାହୁ, ସଭାପତି
ପଦ୍ମପୁର ସେବା ସମବାୟ ସମିତି, ବାସୁଦେବପୁର, ଭଦ୍ରକ

## ସଂକ୍ଷେପରେ

### ନଳକୂପରୁ ପାଣି ଆଣିବାକୁ କେନ୍ଦ୍ର କରି ଗଣ୍ଡଗୋଳ

#### ଥାନାରେ ଅଭିଯୋଗ

ହାଟଡିହି,୧୦। ୧୦(ଡି.ଏନ୍.ଏ.)- କେନ୍ଦୁଝର ଜିଲା ନନ୍ଦିପଦା ଥାନା ସରଳା ରାଧାନଗର ପାଟଣାରେ ସରକାରୀ ନଳକୂପରୁ ପାଣି ନେବାକୁ କେନ୍ଦ୍ର କରି ମହିଳାଙ୍କ ସମେତ ତାଙ୍କ ପରିବାର ଲୋକଙ୍କୁ ଅନ୍ୟ ଏକ ପରିବାର ଲୋକ ଆକ୍ରମଣ କରିଥିବା ନନ୍ଦିପଦା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରୁ ଜଣାଯାଇଛି ଯେ, ସାହିରେ ଥିବା ସରକାରୀ ନଳକୂପଟି ଅଚଳ ହୋଇପଡିବାରୁ ସାହି ଲୋକମାନେ ମିଳିମିଶି ଚାନ୍ଦା ଆଦାୟ କରି ନଳକୂପ ମରାମତି କରିଥିଲେ। କିନ୍ତୁ ମହିଳା ଜଣଙ୍କ ଚାନ୍ଦା ଦେବାରେ ଅସମର୍ଥ ହୋଇଥିଲେ। ମହିଳା ଜଣଙ୍କ ଚାନ୍ଦା ନ ଦେବାରୁ ତାଙ୍କୁ ସରକାରୀ ନଳକୂପରୁ ପାଣି ନେଇପାରିବ ନାହିଁ ବୋଲି ଅନ୍ୟ ଏକ ପରିବାର ଲୋକ ତାଗିଦ କରିଥିଲେ। ଫଳରେ ମହିଳା ଜଣଙ୍କ ଅନ୍ୟ ଏକ ସାହିରୁ ପାଣି ଆଣି ଚଳୁଥିଲେ। ବୁଧବାର ରାତିରେ ମହିଳା ଜଣଙ୍କ ନିଜ ସାହି ନଳକୂପରୁ ପାଣି ଆଣିବାରୁ ଅନ୍ୟ ଏକ ପରିବାର ଲୋକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକ ଘଟଣାର ସମାଧାନ ପାଇଁ ଚେଷ୍ଟା କରିଥିଲେ ବି ସମାଧାନ ହୋଇପାରି ନ ଥିଲା। ଶେଷରେ ମହିଳା ଜଣଙ୍କ ନନ୍ଦିପଦା ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିବା କହିଛି।

### କରତ ସହ ୧୦ ଶାଗୁଆନ ପଟା ଜବତ

ପାଟଣା, ୧୦।୧୦(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ବନାଞ୍ଚଳ ଅନ୍ତର୍ଗତ ଝିଙ୍ଗିରିନାଳୀ ସଂରକ୍ଷିତ ଜଙ୍ଗଲରୁ ପାଟଣା ବନ ବିଭାଗ ଗୁରୁବାର ୨ଟି କରତ, ୨ ଟାଙ୍ଗିଆ ଓ ୧୦ଟି ଶାଗୁଆନ ପଟା ଜବତ କରିଛନ୍ତି। ସୂଚନା ଅନୁଯାୟୀ ଝିଙ୍ଗିରନାଳୀ ଜଙ୍ଗଲରେ ଶାଗୁଆନ ଗଛ କଟାଯାଉଥିବା ଖବର ପାଇ ପାଟଣା ବନାଞ୍ଚଳ ଅଧିକାରୀ ପବିତ୍ର ମୋହନ ନାୟକଙ୍କ ନେତୃତ୍ୱରେ ପାଟଣା ବନପାଳ ସନ୍ତୋଷ କୁମାର ପହି ଓ ପାରାଷ୍ଟାଫ ଗୁରୁବାର ପୂର୍ବାହ୍ନରେ ଚଢ଼ାଉ କରିଥିଲେ। ବନ ବିଭାଗ କର୍ମଚାରୀଙ୍କୁ ଦେଖି କାଠ ମାଫିଆମାନେ ଜଙ୍ଗଲ ମଧ୍ୟକୁ ଦୌଡ଼ି ପଳାଇ ଫେରାର ହୋଇଯାଇଛନ୍ତି।

### ମଦ ବିକ୍ରି ବନ୍ଦ କରିବାକୁ ନାଗରିକ ମଞ୍ଚର ଦାବି

କେନ୍ଦୁଝର, ୧୦।୧୦(ସ୍ୱ.ପ୍ର)-କେନ୍ଦୁଝର ଜିଲାରେ ଆଦିବାସୀ ସମ୍ପ୍ରଦାୟରେ ହାଣ୍ଡିଆ ସଂସ୍କୃତି ବହୁ ଆଗରୁ ରହି ଆସିଥିଲେ ହେଁ ତତ୍‌ଜନିତ ମୃତ୍ୟୁ ଘଟଣା ଘଟିନାହିଁ। କିନ୍ତୁ ଦେଶୀ ମଦର ପ୍ରବେଶ ଯୋଗୁ ମଦଜନିତ ମୃତ୍ୟୁ ଓ ଅସୁସ୍ଥତା ଘଟଣା ବୃଦ୍ଧି ପାଉଛି । ଏଣୁ ଗାନ୍ଧୀ ଜୟନ୍ତୀର ୧୫୦ ବର୍ଷ ପାଳନ ଅବସରରେ ଏଭଳି ମଦ ପ୍ରଚଳନକୁ ବନ୍ଦ କରି ଜିଲାର ଆଦିବାସୀ ତଥା ଅନ୍ୟ ସଂପ୍ରଦାୟ ଗରିବ ଲୋକଙ୍କ ଜୀବନ ସୁରକ୍ଷା ପାଇଁ ନାଗରିକ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କେନ୍ଦୁଝର ଜିଲାରେ ସାଧାରଣତଃ ଅନେକ ଲୋକ ଦିନ ମଜୁରି କରି ପରିବାର ଚଳାଇଥାନ୍ତି। ମଦ ଯୋଗୁ ସେମାନଙ୍କ କାର୍ଯ୍ୟ କରିବାର କ୍ଷମତା ହ୍ରାସ ପାଉଛି। ସେହିପରି ମଦ୍ୟପମାନଙ୍କ ଠାରୁ ପ୍ରଭାବିତ ହୋଇ ଛୋଟ ଛୋଟ ପିଲାମାନେ କମ୍ ବୟସରେ ନିଶା ଅଭ୍ୟାସରେ ପଡୁଛନ୍ତି । ଯାହାଫଳରେ ସେମାନଙ୍କ ପାଠ ପଢ଼ା ବାଧାପ୍ରାପ୍ତ ହେବା ସହ ରାସ୍ତାକଡରେ ବୁଲୁଥିବା ପିଲାମାନେ ଅସାମାଜିକ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି ବୋଲି ମଞ୍ଚର ସଦସ୍ୟମାନେ ମତବ୍ୟକ୍ତ କରିଛନ୍ତି। ଦେଶୀ ମଦ ଅଧିକ କ୍ଷତିକାରକ ହେଉଥିବାରୁ ଏସବୁ ଉପରେ ସମ୍ପୂର୍ଣ୍ଣ କଟକଣା କରାଗଲେ ସୁସ୍ଥ ଓ ସୁରକ୍ଷିତ ସମାଜ ଗଠନ ହୋଇ ପାରିବ ବୋଲି ସଦସ୍ୟମାନେ କହିଛନ୍ତି ।

### କୃତୀ ଛାତ୍ରୀଛାତ୍ର ପୁରସ୍କୃତ

ବଡ଼ଲା, ୧୦। ୧୦(ଡି.ଏନ.ଏ.)-ହାଟଡ଼ିହୀ ବ୍ଲକର ପଡ଼ିଆରୀପଲ୍ଲୀ ପଞ୍ଚାୟତର କୁରାଡ଼ିଘସା ଗ୍ରାମର ଗୋପବନ୍ଧୁ ଯୁବକ ସଂଘ ଦ୍ୱାରା ରାବଣପୋଡ଼ି ଉତ୍ସବ ପାଳିତ ହେବା ସହିତ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରଥମ ସ୍ଥାନରେ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ମୁଖ୍ୟଅତିଥି ଭାବେ ସରପଞ୍ଚ ନିରୂପମା ପାତ୍ର, ମୁଖ୍ୟବକ୍ତା ଭାବେ ଖବରଦାତା ତଥା ଆନନ୍ଦପୁର ପ୍ରେସ କ୍ଲବର ସଭାପତି ଗୋପାଳକୃଷ୍ଣ ରାଉତ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସିଆରସିସି ସନାତନ ରାଉତ ଯୋଗ ଦେଇଥିଲେ । ଜଗନ୍ନାଥ ବେହେରା ଅତିଥି ପରିଚୟ କରିଥିଲେ। ଅଭିମନ୍ୟୁ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । ସଭା କାର୍ଯ୍ୟକ୍ରମ ଶେଷରେ ପ୍ରତିବର୍ଷ ପରି ରାଜସ୍ୱ କ୍ଷେତ୍ର ସଂଗଠନର ସଭାପତି ତଥା କେନ୍ଦୁଝର ସଦର ଆରଆଇ ପୁରସ୍ତମ କୁଅଁରଙ୍କର ସାହାଯ୍ୟରେ ଦିଆଯାଉଥିବା ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ସଂଘ କାର୍ଯ୍ୟକୁ ନେଇ ଅସନ୍ତୋଷ

## ପ୍ରତିବାଦ କଲେ ଟ୍ରକ ମାଲିକ

କେନ୍ଦୁଝର ୧୦।୧୦ (ସ୍ୱ.ପ୍ର)

କେନ୍ଦୁଝର ଜିଲା ଟ୍ରକ ମାଲିକ ସଂଘର କାର୍ଯ୍ୟକୁ ନେଇ ଟ୍ରକ ମାଲିକ ମାନଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ପରିବହନ ମୂଲ୍ୟ ନିର୍ଦ୍ଧାରଣ, ଡିଓ ସ୍ଲିପ କଳାବଜାରୀ ଓ ଦୀର୍ଘ ମାସ ହେଲା ଟଙ୍କା ଜମା ଦେଇ ସଂଘରେ ସଦସ୍ୟତା ମିଳୁ ନ ଥିବା ମାସ ବିତିଯାଇଥିଲେ ହେଁ ସମସ୍ୟା ଦୂର ହୋଇ ପାରୁ ନ ଥିବାରୁ ମାଲିକ ମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ସଂଘ ରେ ନୂଆ ଭାବରେ ସଦସ୍ୟ ହେବା ପାଇଁ ଆବେଦନ କରିଥିବା ଶତାଧିକ ଟ୍ରକ ମାଲିକ ମାନେ ନିର୍ଦ୍ଧାରଣରେ ବ୍ୟାପକ ଅନିୟମିତତା ହୋଇଥିବା ଘଟଣା ବାହାରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ସୋସିଆଲ ମିଡିଆରେ ଭାଇରାଲ ହୋଇ ସାରିଛି। ଏନେଇ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି



ଟ୍ରକ ମାଲିକ ଏକାଠି ହୋଇ ପ୍ରତିବାଦ କରୁଛନ୍ତି।

ଅଭିଯୋଗ କରି ସଂଘ କାର୍ଯ୍ୟାଳୟ ଆଗରେ ଅସନ୍ତୁଷ୍ଟ ଟ୍ରକ ମାଲିକ ମାନଙ୍କ ଭିଡ ଗୁରୁବାର ଦେଖିବାକୁ ମିଳିଥିଲା। ଦୀର୍ଘ ବର୍ଷ ହେଲା ସଂଘ ନିର୍ବାଚନକୁ ନେଇ ବିବାଦ ଦେଖାଦେଇ ଆସୁଥିଲା। ତେବେ ଏନେଇ ବହୁ ବାଦ ବିବାଦ ପରେ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନୂଆ ସଂଘ ମାଲିକଙ୍କ ସ୍ୱାର୍ଥ ପାଇଁ କାମ କରିବ ବୋଲି ଆଶା ରଖି ଟ୍ରକ ମାଲିକ ମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା ଏବଂ ନୂଆ ପରିଷଦ ଗଠନରେ ସହାୟକ ହୋଇଥିଲେ । କିନ୍ତୁ ଇତି ମଧ୍ୟରେ ସାତ ଦୀର୍ଘ ପ୍ରାୟ ୪ ମାସ ହେଲା ସଦସ୍ୟତା ପାଉ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସଦସ୍ୟ ହେବା ପାଇଁ ୩ ହଜାର ଟଙ୍କା ଦେଇଥିଲେ ହେଁ ଅଦ୍ୟାବଧି ସଦସ୍ୟତା କରାଯାଉନାହିଁ। ସେହିପରି ସଞ୍ଜୟ କୁମାର ଜେନା, ରଞ୍ଜନ ମାଝୀ, ଆଲୋକ ନାଥ, ଯୋଶଦା ସାହୁ, ସନ୍ତୋଷ କୁମାର ସାହୁ, ରଞ୍ଜନ ସାହୁଙ୍କ ସମେତ ବହୁ ଟ୍ରକ ମାଲିକ ଟଙ୍କା ଜମା ଦେଇଥିଲେ ହେଁ ସଦସ୍ୟତା ନମ୍ବର ନ ପାଇ ହିନସ୍ତା ହେଉଥିବା କହିଛନ୍ତି। ତେବେ ପରିବହନ ପରିବହନ ଦର ଧାର୍ଯ୍ୟ ହେଉଛି।

ଏ ସମ୍ପର୍କରେ କୋଷାଧ୍ୟକ୍ଷ ରୁଦ୍ର ନାରାୟଣ ମିଶ୍ର କହିଛନ୍ତି ଯେ, ପରିବହନ ଦର ଧାର୍ଯ୍ୟରେ ସ୍ୱଚ୍ଛତା ରକ୍ଷା କରାଯାଇନାହିଁ କିମ୍ବା ଅନେକ ଟ୍ରକ ମାଲିକଙ୍କ ସ୍ୱାର୍ଥକୁ ଦୃଷ୍ଟି ଦିଆଯାଉନାହିଁ । ଏଣୁ ଏନେଇ ଅଡିଟ ହେବା ଜରୁରୀ । ସେହିପରି ଟ୍ରକ ମାଲିକଙ୍କ ପାଇଁ ସଂଘ ଚାଲିଛି । ଏଣୁ ଏନେଇ ଟ୍ରକ ମାଲିକ ହକ ପାଇଁ ଆଇନର ସହାୟତା ନେବା ଆବଶ୍ୟକ।

ପୂର୍ବତନ ସମ୍ପାଦକ ପ୍ରଦିପ ବାରିକଙ୍କୁ ପଚାରିବାରୁ ସଂଘ ଟ୍ରକ ମାଲିକ ଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦେବା ଉଚିତ। କର୍ମକର୍ତ୍ତାଙ୍କ ବିବାଦରେ ଟ୍ରକ ମାଲିକ ମାନେ ବଳି ନ ପଡନ୍ତୁ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସଂଘ ସଭାପତି ରମାକାନ୍ତ ନାୟକ କହିଛନ୍ତି ଯେ ଯେଉଁ ମାନଙ୍କ ସଦସ୍ୟତା ସ୍ଲିପ କଟାଯାଇଛି ସେମାନଙ୍କୁ ସଦସ୍ୟତା ନମ୍ବର ତୁରନ୍ତ ଦେବା ସହ ଲୋଡିଂ ସୁବିଧା ଦେବାକୁ ବ୍ୟବସ୍ଥା କରାଯାଉଛି । ଛୋଟ ଛୋଟ ପେମେଣ୍ଟ କ୍ୟାଶରେ ଓ ବଡ ପେମେଣ୍ଟ ଚେକରେ ଦେବା ବ୍ୟବସ୍ଥା ରହିଛି । କୌଣସି ଅନିୟମତତା ହେଲେ ପଦକ୍ଷେପ ନିଆଯିବ ।

### ଲୋଡିଂ ସ୍ଲିପ କଳାବଜାର, ଥାନାରେ ମାମଲା

କେନ୍ଦୁଝର ୧୦।୧୦ (ସ୍ୱ.ପ୍ର) ଲୋଡିଂ ସ୍ଲିପ କଳାବଜାରୀ ହେଉଥିବା ନେଇ କେନ୍ଦୁଝର ଟ୍ରକ ମାଲିକ ସଂଘର କୋଷାଧ୍ୟକ୍ଷ ରୁଦ୍ର ନାରାୟଣ ମିଶ୍ର ଟାଉନ ଥାନାରେ ଗୁରୁବାର ଲିଖିତ ଅଭିଯୋଗ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ସଂଘ ଦ୍ୱାରା ନିୟୋଜିତ କର୍ମଚାରୀଙ୍କ ବିରୋଧରେ ଏହି ଏତଲା ଦିଆଯାଇଛି। ୧୨ ଚକିଆ ଟ୍ରକ ପାଇଁ ଲୋଡିଂ ସ୍ଲିପ ବଣ୍ଟନ କରୁଥିବା ଦୁଇ ଜଣ କର୍ମଚାରୀଙ୍କ ନାମରେ ଏହି ଏତଲା ଦିଆଯାଇଛି। ଏହି ଦୁଇ କର୍ମଚାରୀଙ୍କୁ ଗନ୍ଧମାର୍ଦ୍ଦନ ଖଣିରୁ ଲୋଡିଂ କରୁଥିବା ୧୨ ଚକିଆ ଟ୍ରକ ପାଇଁ ଲୋଡିଂ ସ୍ଲିପ ବଣ୍ଟନ ପାଇଁ ନିୟୋଜିତ କରାଯାଇଛି। ତେବେ ସେମାନେ ଜୋର ଜବରଦସ୍ତ ସ୍ଲିପ ବଣ୍ଟନ ପାଇଁ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି । ଫଳରେ ସଂଘର ଲୋଡିଂ ସ୍ଲିପ କଳାବଜାରୀ ନେଇ ହୋଇ ଆସୁଥିବା ଅଭିଯୋଗର ତଦନ୍ତ କରିବାକୁ ଦାବି ହେଉଛି ।

# ଏସ୍‌ପିଙ୍କ ଗାଡ଼ିକୁ ଧକ୍କା ଦେଲା ଟ୍ରକ୍

କେନ୍ଦୁଝର/ପାଟଣା, ୧୦।୧୦ (ଡି.ଏନ.ଏ./ସ୍ୱ.ପ୍ର.):

କେନ୍ଦୁଝର ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କ ସ୍କର୍ପିଓ ଗାଡିକୁ ଗୁରୁବାର ପୂର୍ବାହ୍ନରେ ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ଏକ ଟ୍ରକ ଧକ୍କା ଦେବାରୁ ଏସ୍‌ପି ଅଳ୍ପକେ ବର୍ତ୍ତି ଯାଇଥିବା ଖବର ମିଳିଛି। ସ୍କର୍ପିଓ ଡ୍ରାଇଭର ଏବଂ ଏସ୍‌ପିଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ ମଧ୍ୟ ବର୍ତ୍ତି ଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ, କେନ୍ଦୁଝର ଏସ୍‌ପି ମିତ୍ରଭାନୁ ମହାପାତ୍ର ଗୁରୁବାର ପୂର୍ବାହ୍ନରେ ବାରିଆ ଥାନା ପରିଦର୍ଶନ କରିବା ପରେ ତୁରୁମୁଙ୍ଗା ଥାନାକୁ ପରିଦର୍ଶନ ପାଇଁ ଯାଉଥିଲେ। ତୁରୁମୁଙ୍ଗା ଥାନା ନିକଟ ଖାରବେଡା ଛକରେ ଏସ୍‌ପିଙ୍କ ଗାଡି ପହଞ୍ଚିଥିବା ସମୟରେ ସମ୍ମୁଖ ଭାଗରୁ ଜାତୀୟ ରାଜପଥ ୪୯ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ମଣ୍ଟେକାର୍ଲୋ କମ୍ପାନୀର ଏକ ମିକ୍ସଚର ମେଶିନ ଟ୍ରକ୍ ଏସ୍‌ପିଙ୍କ ଗାଡିକୁ ସମ୍ମୁଖ ଭାଗରୁ ଧକ୍କା ଦେଇଥିଲା। ଫଳରେ ଗାଡିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିବାବେଳେ ଏସ୍‌ପିଙ୍କ ସମେତ ଗାଡିରେ ଥିବା ତାଙ୍କ ପିଏସ୍‌ଓ ସୁବ୍ରତ ନାଏକ, ଡ୍ରାଇଭର ବସନ୍ତ କୁମାର ସାହୁ ସାମାନ୍ୟ ଆହତ ହୋଇଛନ୍ତି। ତୁରୁମୁଙ୍ଗା ପୋଲିସ ଘଟଣା ସମ୍ପର୍କରେ ଖବର ପାଇ ଦୁର୍ଘଟଣା ଘଟାଇଥିବା ମିକ୍ସଚର ମେଶିନ ଟ୍ରକକୁ ଜବତ କରି ଡ୍ରାଇଭରକୁ ଅଟକ ରଖିଥିବା ସୂଚନା ମିଳିଛି।

### ଅଟୋ ଓଲଟି ୫ ଗୁରୁତର

କେନ୍ଦୁଝର/ରାଇସୁଆଁ,୧୦।୧୦ (ସ୍ୱ.ପ୍ର./ଡି.ଏନ.ଏ.)

ସଦର ବ୍ଲକ ଅନ୍ତର୍ଗତ ପଳାଶପଙ୍ଗା ନିକଟସ୍ଥ ହୁଣ୍ଡୁଳା ୨୦ନମ୍ବର ଜାତୀୟ ରାଜପଥ ନିକଟରେ ଏକ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୫ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ପର୍ଜନପୁର ଗ୍ରାମର ଜଣେ ଅଟୋ ଚାଳକ ତାଙ୍କ ଗାଁର ଲୋକଙ୍କୁ ନେଇ କୌଣସି କାର୍ଯ୍ୟରେ କେନ୍ଦୁଝରକୁ ଯାଇଥିଲେ। ସେଠାରୁ ଫେରୁଥିବାବେଳେ ପ୍ରାୟ ସନ୍ଧ୍ୟା ୭ଟାବେଳେ ରାସ୍ତାରେ ଏହି ଦୁର୍ଘଟଣା ଘଟିଥିଲା। ଦୁଇ ଯୁବକ ଦୁର୍ଘଟଣା ଦେଖି ପଳାଶପଙ୍ଗା ଫାଣ୍ଡି ପୋଲିସକୁ ଜଣାଇଥିଲେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଗୁରୁତରଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଯାତ୍ରୀଙ୍କର ପରିଚୟ ମିଳି ପାରିନାହିଁ।

### ୩ ଶଗଡ଼ ଗାଡ଼ିରୁ ଶାଳ ଗଜରା ବହ୍ଲା ଜବତ

ତେଲକୋଇ, ୧୦।୧୦(ଡି.ଏନ.ଏ.)- ତେଲକୋଇ ବନାଞ୍ଚଳ ଅଧୀନ ଖୁଣ୍ଟାପଡ଼ା ସଂରକ୍ଷିତ ଜଙ୍ଗଲରୁ ଶାଳ ଗଜରା ଆଣୁଥିବା ବେଳେ ୩ଟି ଶଗଡ଼ ଗାଡି ଜବତ କରାଯାଇଛି। ଉକ୍ତ ଗାଡିରେ ଲକ୍ଷାଧିକ ଟଙ୍କାର ଶାଳ ଗଜରା ରହିଥିବା ବନ ବିଭାଗ ପ୍ରକାଶ କରିଛି। ବୁଧବାର ମଧ୍ୟରାତିରେ ବନ ବିଭାଗ ଖବର ପାଇ ଫରେଷ୍ଟର ବିଜୟ କୁମାର ମୁର୍ମୁଙ୍କ ନେତୃତ୍ୱରେ ଏକ ସ୍କ୍ୱାଡ ଗଠନ କରି ଶାଳ ଗଜରାଗୁଡିକୁ ଜବତ କରିଥିଲେ। ଅଭିଯୁକ୍ତ ଫେରାର ହୋଇଯାଇଥିବା ବେଳେ ଶଗଡ ଗାଡି ଜବତ କରାଯାଇଛି। ଗିରଫ କରିବା ଲାଗି ତଦନ୍ତ ଜାରି ରଖିଥିବା ବନାଞ୍ଚଳ ଅଧିକାରୀ ପ୍ରକାଶ କରିଛନ୍ତି।

# କର୍ମଚାରୀଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ ଧାରଣା



ପୂଜା କମିଟି ସଦସ୍ୟ ଏବଂ ଗ୍ରାମବାସୀ ଧାରଣାରେ ବସିଛନ୍ତି।

ଆନନ୍ଦପୁର,୧୦।୧୦(ସ୍ୱ.ପ୍ର.) ଆନନ୍ଦପୁର ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ମା' ଦୁର୍ଗାଙ୍କ ଭସାଣି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ସମୟରେ ଶାନ୍ତି ଶୃଙ୍ଖଳା ଦାୟିତ୍ୱରେ ଥିବା ଜଣେ ପୋଲିସ କର୍ମଚାରୀ କମିଟି ସଦସ୍ୟଙ୍କୁ ଦୁର୍ବ୍ୟବହାର କରିବା ଏବଂ ଡଙ୍ଗା ଘାଟ ନିକଟରେ କମିଟି ସଦସ୍ୟଙ୍କୁ ଗାଲିଗୁଲଜ କରିବା ଭଳି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୂଜା କମିଟି ସଦସ୍ୟ ଏବଂ ଆନନ୍ଦପୁର ବାସୀ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରି ଗୁରୁବାର ୧୧ଟା ସମୟରେ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଆନନ୍ଦପୁର ଏସ୍‌ଡିପିଓ ବିଦ୍ୟୁତ କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସହିତ ଆଲୋଚନା କରିଥିଲେ। ପରେ ସମ୍ପୃକ୍ତ ପୋଲିସ କର୍ମଚାରୀ ଏବଂ କମିଟି ସଦସ୍ୟ ବସି ଆପୋସ ବୁଝାମଣା ହେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

# ଚମ୍ପୁଆ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ସର୍ଭେ କାର୍ଯ୍ୟ ଶେଷ

ଚମ୍ପୁଆ, ୧୦।୧୦(ଡି.ଏନ.ଏ.)

ଚମ୍ପୁଆରେ ବହୁ ପ୍ରତୀକ୍ଷିତ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ସର୍ଭେ କାର୍ଯ୍ୟ ଶେଷ ହୋଇଥିବା ତହସିଲଦାର ଆଲୋକ ପଟେଲ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ଦୀର୍ଘଦିନ ଧରି ଚମ୍ପୁଆରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇ ଆବଶ୍ୟକ ଜମି ଯୋଗାଇ ଦେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଠାରେ ଏଥିପାଇଁ ଆବଶ୍ୟକ ଶ୍ରେଣୀ ଓ ଅଫିସ କୋଠରି ପାଇଁ ତତ୍କାଳୀନ ଉପଜିଲାପାଳ ସନ୍ତୋଷ କୁମାର ମିଶ୍ର ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ପରେ ମହାବିଦ୍ୟାଳୟ ପରିସରରେ ଏଥିପାଇଁ କାର୍ଯ୍ୟ ଆରମ୍ଭ କରାଯାଇଥିଲା। କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀଭାବେ ସ୍ଥାପନ ପାଇଁ ରାମଲାଠାରେ ତହସିଲ ପକ୍ଷରୁ ସ୍ଥାନ ଚିହ୍ନଟ କରାଯାଇଥିଲା। ମାତ୍ର ଉକ୍ତ ଚିହ୍ନ ସ୍ଥାନ ଜଙ୍ଗଲ କିସମ ହୋଇଥିବାରୁ ୨.୪୬ ଏକର ଜମିର କିସମ ପରିବର୍ତ୍ତନ କରାଯାଇଥିଲା। ହେଲେ ବିଦ୍ୟାଳୟ ସ୍ଥାପନ ପାଇଁ ୮ ଏକର ଜମି ଆବଶ୍ୟକତା ରହିଥିବା ବେଳେ ୫.୫୪ ଏକରର କିସମ ପରିବର୍ତ୍ତନ ହୋଇ ପାରି ନ ଥିଲା। ପରେ ସ୍ଥାନୀୟ ଲୋକ ଏ ନେଇ ବାରମ୍ବାର ସ୍ୱର ଉତ୍ତୋଳନ କରିବାରୁ ତହସିଲ ପକ୍ଷରୁ ଚିହ୍ନଟ କରାଯାଇଥିବା ବାକିତକ ଜମିକୁ ଓଆରଏସଏସି ଦ୍ୱାରା ସର୍ଭେ କାର୍ଯ୍ୟ ଶେଷ କରାଯାଇଛି । ସର୍ଭେ ବାବଦରେ ଅର୍ଥ ପ୍ରଦାନ ପାଇଁ ତହସିଲଦାରଙ୍କୁ ଚିଠି କରାଯାଇଛି। ଅର୍ଥ ପୈଠ ପରେ ଚମ୍ପୁଆ ତହସିଲଦାର ୫ ଏକର ୫୪ ଡେସିମିଲ ଜଙ୍ଗଲ ଜମିର କିସମ ପରିବର୍ତ୍ତନ ପାଇଁ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟକୁ ଆବେଦନ କରାଯିବ ବୋଲି କହିଛନ୍ତି।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସରେ ସଚେତନତା



ଶିବିରରେ ଉପସ୍ଥିତ ଆଶା ଓ ସ୍ୱାସ୍ଥ୍ୟକର୍ମୀ।

ବଡବିଲ, ୧୦।୧୦ (ସ୍ୱ.ପ୍ର.)

ବିଶ୍ୱବ୍ୟାପୀ ଅକ୍ଟୋବର ୧୦ ତାରିଖକୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଭାବେ ପାଳନ କରାଯାଉଥିଲାବେଳେ କେନ୍ଦୁଝର ଜିଲା ବଡବିଲସ୍ଥିତ ତାଲୁକ ଆଇନ ସେବା ସମିତି ପକ୍ଷରୁ ଗୁରୁବାର ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଭାଗୃହରେ ଆୟୋଜିତ ଏହି ସଚେତନତା ଶିବିରରେ ଆଶାକର୍ମୀ ଓ ସ୍ୱାସ୍ଥ୍ୟକର୍ମୀମାନେ ଯୋଗଦେଇଥିଲେ। ତାଲୁକ ଆଇନସେବା ସମିତି ଅଧ୍ୟକ୍ଷ ତଥା ଜୁଡିସିଆଲ ମାଜିଷ୍ଟ୍ରେଟ ପତିତପାବନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦାୟିତ୍ୱରେ ଥିବା ଡାକ୍ତର ସୌଭାଗ୍ୟ ରଶ୍ମି ରଞ୍ଜନ ସାମଲ ମାନସିକ ସନ୍ତୁଳନ, ଅନଗ୍ରସର ବ୍ୟକ୍ତିଙ୍କ ଚିକିତ୍ସା ନିମନ୍ତେ ଥିବା ବିଭିନ୍ନ

#### ଅଂଶଗ୍ରହଣ କଲେ ଆଶା ଓ ସ୍ୱାସ୍ଥ୍ୟକର୍ମୀ

ସରକାରୀ ଯୋଜନା ମାନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାକୁଡ, ବରିଷ୍ଠ ଆଇନଜୀବୀ ବିଭୂତି ଭୂଷଣ ଷଡ଼ଙ୍ଗୀ, ପ୍ୟାନେଲ କାଉନସେଲ ପ୍ରମୁଖ ଯୋଗଦେଇ ତାଲୁକ ଆଇନସେବା ସମିତିର କାର୍ଯ୍ୟ ଓ ମାନସିକ ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ନିମନ୍ତେ ଥିବା ବିଭିନ୍ନ ଆଇନ ଉପରେ ବିବରଣୀ ପ୍ରଦାନ କରିଥିଲେ। ଶେଷରେ ସମିତି ଅଧ୍ୟକ୍ଷ ପଣ୍ଡା ମାନସିକ ରୋଗରେ ପୀଡିତ ବ୍ୟକ୍ତିଙ୍କ ସହ ବାରବୁଲା ମାନସିକ ବିକାରଗ୍ରସ୍ତଙ୍କ ଚିକିତ୍ସା ନିମନ୍ତେ ଥିବା ବ୍ୟବସ୍ଥା ବିଷୟରେ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ଶିବିର ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ



କେନ୍ଦୁଝର, ୧୦।୧୦ (ସ୍ୱ.ପ୍ର.)

ଲୋକଙ୍କ ମଧ୍ୟରେ ମାନସିକ ରୋଗର ନିରାକରଣ ଓ ସଚେତନତା ସୃଷ୍ଟି କରିବା ପାଇଁ ସ୍ଥାନୀୟ ଜିଲା ମୁଖ୍ୟ ଡାକ୍ତରଖାନାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଗୁରୁବାର ପାଳିତ ହୋଇଯାଇଛି । ଏହି ଅବସରରେ ସିଡିଏମଓ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ମାନସିକ ସ୍ୱାସ୍ଥ୍ୟ ଅଶୋକ କୁମାର ଦାଶ ସଚେତନତା ରଥ ଓ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ସଚେତନତା ଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ ସ୍ଥାନୀୟ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ସ୍କାଉଟ ଓ ଗାଇଡ , ଶିକ୍ଷୟିତ୍ରୀଶିକ୍ଷକ ଭାଗ ନେଇ ଜନ ସଚେତନତା ସୃଷ୍ଟି କରିଥିଲେ । ମାନସିକ ରୋଗର ଲକ୍ଷଣ ଓ ଆତ୍ମହତ୍ୟା ପ୍ରତିରୋଧ ପାଇଁ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇଥିଲେ। ମାନସିକ ସଚେତନତା ରଥ ଆସନ୍ତା ୧୬ ତାରିଖ ଯାଏଁ ଜିଲାର ୧୩ଟି ବ୍ଲକ ମୁଖ୍ୟାଳୟ ବୁଲି ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିବ ବୋଲି ଜଣାପଡିଛି । ଏହି କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟ ବିଭାଗର ପିଏଚସିଓ, ପିତବାସ ମିଶ୍ର, ଏଡିପିଏଚସିଓ ଶ୍ରୀକାନ୍ତ ସେଠୀ, ପରିଚାଳନା କରିଥିଲେ। ବିଭାଗର ନୃସିଂହ ବଳ, ବିକାଶ ରଞ୍ଜନ ମହାନ୍ତ, ଜୟନ୍ତୀ ଦାସ, ସରୋଜ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଏକ ସଭା ଆୟୋଜନ କରାଯାଇଥିଲା । ଏଥିରେ ଡିଏଲଏସଏର ସଚିବ ବର୍ଣ୍ଣାଳୀ ତ୍ରିପାଠୀ, ଏସଡିଜେଏମ ପବିତ୍ରାନନ୍ଦ ପ୍ରଧାନ ଉପସ୍ଥିତ ଥିଲେ । ସିଡିଏମଓ ସମେତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ତଥା ମାନସିକ ରୋଗ ବିଭାଗ ପରିଦର୍ଶନ କରି ଚିକିତ୍ସା ପାଇଁ ଆସିଥିବା ମାନସିକ ରୋଗୀ ଓ ତାଙ୍କ ପରିବାର ଲୋକ ଓ ଅଭିଭାବକ ମାନେ ଉପସ୍ଥିତ ଥିଲେ।

**ଘସିପୁରା,**(ଡି.ଏନ.ଏ.) ଆନନ୍ଦପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନା ସଭାଗୃହରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ବାର ଆସୋସିଏଶନ ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସବ୍ ଜଜ୍ ଶ୍ରୀମୟୀ ଆଚାର୍ଯ୍ୟ, ଗ୍ରାମ୍ୟ ନ୍ୟାୟାଧିକାରୀ ମାନସୀ ପ୍ରଧାନ, ଉପଜିଲାପାଳ ରବୀନ୍ଦ୍ର କୁମାର ସାହୁ, ଡାକ୍ତର ଉଦୟ ଭାସ୍କର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ରକ୍ଷା ଓ ମାନସିକ ସ୍ୱାସ୍ଥ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ସଭାରେ ଆଇନଜୀବୀ ବାଇଧର ସେଠୀ, ଡାକ୍ତର ସପନ କୁମାର ଦାସ, ଡାକ୍ତର ବେନଜାମିନ ଶିରକା, ଡାକ୍ତର ଅମର କୁମାର ବେହେରା, ଭିକାରୀ ଚରଣ ପାଇକରାଏ, ଡାକ୍ତର କୃଷ୍ଣଚନ୍ଦ୍ର ଦାଶ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ୨ ଉଷ୍ଣୁ ଖେଳାଳିଙ୍କୁ ଯୁବ କ୍ରୀଡ଼ାବିତ୍ ସମ୍ମାନ

ଚମ୍ପୁଆ, ୧୦।୧୦(ଡି.ଏନ.ଏ.)

ଶାରଦୀୟ ଦୁର୍ଗାପୂଜା ଅବସରରେ ଶଙ୍କରପୁର କାମେଶ୍ୱର ମହାଦେବ ମନ୍ଦିର ଉନ୍ନୟନ କମିଟି ପକ୍ଷରୁ ପ୍ରତି ବର୍ଷ ଭଳି ଉଦୀୟମାନ ଯୁବ ଖେଳାଳି ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମ୍ୟାନେଜର ଭବାନୀ ଶଙ୍କର ପାତ୍ର (ୟୁନାଇଟେଡ୍ ଇନ୍ସ୍ୟୁରାନ୍ସ କମ୍ପାନୀ), ମୁଖ୍ୟବକ୍ତା ଭାବେ ପ୍ରଧାନ ଶିକ୍ଷକ କ୍ଷମାକର ଗିରି (ବୁଡାମରା ଉଚ୍ଚ ବିଦ୍ୟାଳୟ), ସମ୍ମାନିତ ଅତିଥି ଭାବେ ସରପଞ୍ଚ ମତଗଜ ମୁଣ୍ଡା, ପାନପଡ୍ରିଆ ସରପଞ୍ଚ ବିଜୟନ ହେସା ଏବଂ କାମେଶ୍ୱର ମନ୍ଦିର ସଭାପତି ସତ୍ୟାନନ୍ଦ ବେହେରା ଯୋଗ ଦେଇ ଉଷ୍ଣୁ ବିଶ୍ୱ ଚାମ୍ପିୟନଶିପ୍‌ର ରୌପ୍ୟ ପଦକ ବିଜେତା ବବଲୁ ମୁଣ୍ଡା ଏବଂ ସ୍ୱସ୍ତିକ ରଞ୍ଜନ ମହାନ୍ତଙ୍କୁ ଯୁବ କ୍ରୀଡାବିତ୍ ସମ୍ମାନରେ ସମ୍ମାନିତ କରିଥିଲେ। ଉଭୟ ଖେଳାଳିଙ୍କୁ ଉତ୍ତରୀୟ ଓ ମାନପତ୍ର ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ସାମାଜିକକର୍ମୀ ପ୍ରଦୀପ କୁମାର ମହାନ୍ତ, କମଳ ମହାନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ପୂଜକ ନିରଞ୍ଜନ ନନ୍ଦ, ଶିବପ୍ରସାଦ ମହାନ୍ତ, ରାସିକା ହୋ, ପୁରେନ୍ଦ୍ର ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।



ଉଷ୍ଣୁ ଖେଳାଳି ବବଲୁ ଓ ସ୍ୱସ୍ତିକଙ୍କୁ ସ୍ୱାଗତ କରାଯାଉଛି।